ସକାଳ
THE SAKALA



# ଡାଲମିଆ ସିମେଣ୍ଟ ଓ ନାବାର୍ଡ ସହଯୋଗରେ ବାଉଁଶ ଚାଷୀଙ୍କୁ ପ୍ରୋତ୍ସାହନ

**ରାଉରକେଲା/ରାଜଗାଙ୍ଗପୁର,୧୦ ।୨(ସମିସ)**




ଅଗ୍ରଣୀ ଭାରତୀୟ ସିମେଣ୍ଟ କମ୍ପାନୀ ଓ ଡାଲମିଆ ଭାରତ ଲିମିଟେଡ୍ (ଡିବିଏଲ୍)ର ସହାୟକ ସଂସ୍ଥା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ୍) ପକ୍ଷରୁ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗରେ ସୁନ୍ଦରଗଡ଼ର ଆଖପାଖ ଅଞ୍ଚଳରେ ବାଉଁଶ ଚାଷ ଜରିଆରେ ସ୍ଥାୟୀ ଚାଷ ଅଭ୍ୟାସ ଓ ଜୀବନଜୀବିକାର ପ୍ରସାର ପାଇଁ ଏକ ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ଚାଷୀମାନେ ବାଉଁଶର ବାଏବ୍ୟାକ୍ ଜରିଆରେ ଉପକୃତ ହେବେ ଏବଂ ନାବାର୍ଡ ଅଧୀନରେ ପଞ୍ଜିକୃତ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଜରିଆରେ ମୂଲ୍ୟବାନ ପନିପରିବା ବଜାରରେ ପହଞ୍ଚାଇ ପାରିବେ ଯାହା ଦ୍ୱାରା ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଓ ନିରନ୍ତର ଆୟ ଉତ୍ସ ସୁନିଶ୍ଚିତ ହୋଇପାରିବ। ବାଉଁଶ ଚାଷ ପରିବେଶ ଓ ସାମଜକୁ ବହୁ ପ୍ରକାର ସୁବିଧା ପ୍ରଦାନ କରିବ। ଏହା ମୃତ୍ତିକାକୁ ସମୃଦ୍ଧ କରିବା ସହ ଭୂତଳ ଜଳକୁ ଭରିବ, ପରିବେଶ ଅବକ୍ଷୟ ରୋକିବ ଏବଂ କୃଷି ଉତ୍ପାଦକତା ବଢ଼ାଇବ। ନାବାର୍ଡ ସୁନ୍ଦରଗଡ଼ ଡିଡିଏମ୍ ତାପସ କୁମାର ବେହେରା ଓ ଡିସିବିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନଙ୍କୁ ବାଉଁଶ ଚାରା ମଧ୍ୟ ପ୍ରଦାନ କରାଯାଇଛି।

ରାଜଗାଙ୍ଗପୁର ଅଣ୍ଡା ଗ୍ରାମରେ ଏହି ପ୍ରକଳ୍ପ ଶୁଭାରମ୍ଭ କରାଯାଇ ସଶକ୍ତୀକରଣ ସ୍ୱରୂପ ଉପସ୍ଥିତ ଚାଷୀମାନଙ୍କୁ ବାଉଁଶ ଚାରା ବଣ୍ଟନ କରାଯାଇଥିଲା। ନାବାର୍ଡ ଡିଡିଏମ୍ ବେହେରା ପ୍ରକଳ୍ପର ଲକ୍ଷ୍ୟ ଓ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ ଯାହା ଚାଷୀମାନଙ୍କ ସମୃଦ୍ଧି ପ୍ରତି ସେମାନଙ୍କ ଯାତ୍ରାରେ ସବୁ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅଭିଯାନ ସମ୍ପର୍କରେ ଡିସିବିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଶ୍ରୀବାସ୍ତବ କହିଛନ୍ତି ଯେ ଡାଲମିଆ ସିମେଣ୍ଟରେ ଆମେ ଆମ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ସମାଜର ସ୍ଥାୟୀ ବିକାଶ ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧ ରହିଛୁ। ନାବାର୍ଡ ସହ ଆମ ସହଯୋଗିତା ଜରିଆରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଲାଗି ବାଉଁଶ ଚାଷ ପାଖରେ ଥିବା ବ୍ୟାପକ ସମ୍ଭାବନାକୁ ବ୍ୟବହାର କରି ଆମେ କୃଷିରେ ସବୁଜ ବିପ୍ଳବର ବାର୍ତ୍ତାବହ ହେବାକୁ ଲକ୍ଷ୍ୟ ରଖିଛୁ। ଏକ ସବୁଜ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପରେ ଆମ ସହ ସହଯୋଗିତା ସ୍ଥାପନ କରିଥିବାରୁ ନାବାର୍ଡ ନିକଟରେ ଆମେ କୃତଜ୍ଞ ବୋଲି ସେ କହିଥିଲେ।

# ୟୁନିଅନ୍ ସିଭିଲ୍ କୋଡ୍ ନେଇ ଆଲୋଚନାଚକ୍ର



**ରାଉରକେଲା,୧୦ ।୨(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ କାର୍ଯ୍ୟକାରୀ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ୟୁଥ୍ ପାର୍ଲାମେଣ୍ଟ ଅନ୍ ୟୁନିଫର୍ମ କୋଡ୍' ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସମାନ ଆଚାର ସଂହିତାର ବିଶେଷତା ଉପରେ ଆଲୋଚନା କରିଥିଲେ। ଉତ୍ତରାଖଣ୍ଡରେ ୟୁନିଫର୍ମ ସିଭିଲ କୋଡ୍‌କୁ ନେଇ ବିବାଦ, ବ୍ୟକ୍ତିଗତ ଆଇନ, ବିବାହିତ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର, ବହୁପତ୍ନୀ ପ୍ରଥା, ତିନି ତଲାଖ ଏବଂ ଆଇନ ଆଗରେ ସମସ୍ତେ ସମାନ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଏତଦବ୍ୟତୀତ ତୃତୀୟଲିଙ୍ଗୀଙ୍କ ପାଇଁ ଆଇନଗତ ସପକ୍ଷ ଏବଂ ବିପକ୍ଷ ଉପରେ ସବିଶେଷ ଆଲୋଚନା କରଯାଇଥିଲା। କାର୍ଯକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୬ ତାରିଖ ଧର୍ମଘଟରେ ସାମିଲ ହେବେ ପରିବହନ ଶ୍ରମିକ



**ରାଉରକେଲା,୧୦ ।୨(ସମିସ):** ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ ଓ ରାଉରକେଲା ମିନିବସ ଆସୋସିଏସନ୍ ପକ୍ଷରୁ ଶନିବାର ରାଉରକେଲା ନୂଆ ବସଷ୍ଟାଣ୍ଡଠାରେ ପରିବହନ ଶ୍ରମିକମାନଙ୍କ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଉଭୟ ୟୁନିୟନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ପରିବହନ ଶ୍ରମିକଙ୍କୁ ସମ୍ବୋଧିତ କରି କହିଲେ, ଦେଶର ସାଧାରଣ ଜନତା, ଶ୍ରମିକ, କୃଷକ ଓ ଖଟିଖିଆ ମେହନତି ଲୋକମାନଙ୍କ ଅବସ୍ଥା ଦୟନୀୟ ହୋଇଛି। ସବ୍‌କା ସାଥ୍ ସବ୍‌କା ବିକାଶ ଓ ଅଚ୍ଛେଦିନର ସ୍ଲୋଗାନ ଦେଇ ବିଜେପି କ୍ଷମତାକୁ ଆସିଲା ପରେ ହାତଗଣତି ବୃହତ ପୁଞ୍ଜିପତି ଓ କର୍ପୋରେଟ ସଂସ୍ଥାମାନଙ୍କ ସ୍ୱାର୍ଥ ପାଇଁ କାମ କରୁଛି। ଦେଶର ଲକ୍ଷ ଲକ୍ଷ ପରିବହନ ଶ୍ରମିକଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌କୁ ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତାରେ ହିଟ୍ ଆଣ୍ଡ ରନ୍ ମାମଲାରେ ଗାଡ଼ି ଚାଳକଙ୍କୁ ୨ ବର୍ଷ ଦଣ୍ଡବିଧାନ ପରିବର୍ତ୍ତେ ୧୦ ବର୍ଷକୁ ବୃଦ୍ଧି ଓ ୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରିବାକୁ ନୂଆ ଆଇନ ଆଣିଛନ୍ତି। ଏହାସହ ପରିବହନ ଶ୍ରମିକଙ୍କ କୌଣସି ସାମାଜିକ ସୁରକ୍ଷା ଓ କରୋନା କାଳରେ କୌଣସି ସରକାରୀ ସହାୟତା ସରକାର ପ୍ରଦାନ କଲେନାହିଁ। କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ଓ ଜନବିରୋଧୀ ନୀତି ବିରୋଧରେ ଦେଶବ୍ୟାପୀ ଫେବୃଆରୀ ୧୬ ତାରିଖ ଧର୍ମଘଟ ଓ ହରତାଳ ଡାକରା ଦେଇଛନ୍ତି ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସର୍ବଭାରତୀୟ ଫେଡେରେସନ୍ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ୧୨ ଘଣ୍ଟିଆ ଧର୍ମଘଟରେ ଜିଲ୍ଲାର ପରିବହନ ଶ୍ରମିକ ସାମିଲ ହେବାକୁ ମାଇତି ଆହ୍ୱାନ କରିଥିଲେ।

ଉଭୟ ୟୁନିୟନର ଉପସଭାପତି ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ପରିବହନ ଶ୍ରମିକମାନଙ୍କ ନେତା ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ବଜରଙ୍ଗୀ ଚୌଧୁରୀ, ବାସୁଦେବ ଚତୁର୍ବେଦୀ, ଗୋପାଳ ହାଜରା ଓ ସୁନ୍ଦରଗଡ଼ ଅଟୋ କର୍ମଚାରୀ ୟୁନିୟନ ସାଧାରଣ ସମ୍ପାଦକ ଅଜୟ ଶର୍ମା ପ୍ରମୁଖ ବକ୍ତବ୍ୟ ରଖି ସମସ୍ତ ପରିବହନ ଶ୍ରମିକ ଏହି ଧର୍ମଘଟରେ ସାମିଲ ହୋଇ ଏହାକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଥିବା କହିଥିଲେ।

# ଲାଇଙ୍ଗ୍ ଟୋଲ୍ ଗେଟ୍‌ରେ ଜାତୀୟ ସୁରକ୍ଷା ମାସ




**ରାଉରକେଲା,୧୦ ।୨(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ଲାଇଙ୍ଗ୍ ଟୋଲ ଗେଟରେ ୩୫ତମ ଜାତୀୟ ସୁରକ୍ଷା ମାସ ପାଳିତ ହୋଇଛି। ଏହି କ୍ରମରେ କାଂଶବାହାଲସ୍ଥିତ ଏଲଏଣ୍ଡଟିରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ପରିବହନ କାର୍ଯ୍ୟାଳୟର ପର୍ଶୁରାମ ସାହୁ ଯୋଗଦେଇ ରାସ୍ତା ଦୁର୍ଘଟଣାରେ କିପରି ପୀଡ଼ିତଙ୍କୁ ସହାୟତା କରି ତୁରନ୍ତ ଚିକିତ୍ସା ପ୍ରଦାନ କରାଯିବ ସେ ବିଷୟରେ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ସଡ଼କ ସୁରକ୍ଷା ଓ ତା'ର ନିୟମ ବିଷୟରେ ସେ ଅବଗତ କରିଥିଲେ। ଗୁଡ୍ ସମାରିଟାନ ଲ' ବିଷୟରେ ବିସ୍ତୃତ ଭାବେ ଆଲୋଚନା କରି ଏଥିପାଇଁ ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ରହିଥିବା କହିଥିଲେ।

ସିଭିଲ ଡିଫେନ୍ସ କମ୍ପାନୀ କମାଣ୍ଡର ଶୁଭେନ୍ଦୁ ପଣ୍ଡା ଓ ତାଙ୍କ ସହକର୍ମୀ ଅମିତ୍ ରାଉତ ଓ ସୁଦାମା ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ କିପରି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ସେ ବିଷୟରେ ସିଙ୍ଗଲ ହ୍ୟାଣ୍ଡ, ଟୁ ହ୍ୟାଣ୍ଡ, ଥ୍ରୀ ହ୍ୟାଣ୍ଡ, ହ୍ୟୁମାନ କ୍ରଚ୍, ପିକ୍ ଏ ବେକ, ଫାୟାରମ୍ୟାନ ଲିଫ୍ଟ, ସିପିଆର, ପଲସ ଚେକ୍ ଓ ହ୍ୟୁମାନ ଷ୍ଟ୍ରେଚର ବିଷୟରେ ତାଲିମ ଦେଇଥିଲେ। ଏଲଏଣ୍ଡଟିର ରାସ୍ତା ସୁରକ୍ଷା ଅଧିକାରୀ ଶଙ୍କର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଲଏଣ୍ଡଟି ପ୍ଲାଜା ମ୍ୟାନେଜର୍ ସନତ୍ ସୁଜିତ ମହାରଣା ସହଯୋଗ କରିଥିଲେ।

# ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ



**ରାଉରକେଲା,୧୦ ।୨(ସମିସ):** ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ପାନପୋଷ ଓ ସିଭିଲ ଟାଉନସିପ ଅଞ୍ଚଳରେ ଚଢ଼ଉ କରାଯାଇଛି। ଫାଷ୍ଟ ଫୁଡ୍, ଜଳଖିଆ ସମେତ ଅନ୍ୟ ଦୋକାନରେ ଚଢ଼ଉ କରାଯାଇଥିଲା। ଅପମିଶ୍ରିତ ଖାଦ୍ୟ ବିକ୍ରି ଅଭିଯୋଗରେ ବିଭିନ୍ନ ଦୋକାନରୁ ୩ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଫୁଟବଲ ପ୍ରତିଯୋଗିତା | ହରେକୃଷ୍ଣପୁରକୁ ହରାଇ ଲିଟିଲ ଷ୍ଟାର କେଜିଏଫ ଚାମ୍ପିଅନ୍



ଲହୁଣୀପଡ଼ା,୧୦ ।୨(ସମିସ): ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ଥେଣ୍ଟେଇପୋଷ ଗ୍ରାମ ଫୁଟବଲ ପଡ଼ିଆରେ ଚାଲିଥିବା ଛନାୟକ ପ୍ରଗଣା କୁଡୁମୀ ସମାଜ ଫୁଟବଲ ପ୍ରତିଯୋଗିତାରେ ମାହାନ୍ତ ବ୍ରଦର୍ସ ହରେକୃଷ୍ଣପୁରକୁ ହରାଇ ଲିଟିଲ ଷ୍ଟାର କେଜିଏଫ ଚାମ୍ପିଅନ ହୋଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫିଫା ନିୟମ ଅନୁଯାୟୀ ଖେଳ ଆୟୋଜନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଗ୍ରାମର ଅବସରପ୍ରାପ୍ତ ସୈନିକ କରୁଣାକର ମାହାନ୍ତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ପବିତ୍ର ମାହାନ୍ତ ଏବଂ ସାମ୍ବାଦିକ ଝସକେତନ ମାହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଥେଣ୍ଟେଇପୋଷ କୁଡୁମୀ ସମାଜ ଫୁଟବଲ କମିଟି ସଭ୍ୟ ନୀଳମଣି ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

● ଗୋଠଛଡ଼ା ଦନ୍ତାହାତୀ ଆତଙ୍କ ଜାରି

# ଘର ଭାଙ୍ଗି ଧାନ, ଚାଉଳ ଖାଇଲା






ଲହୁଣୀପଡ଼ା,୧୦ ।୨(ସମିସ): କେ.ବଲାଙ୍ଗ ସେକ୍ସନ ଅନ୍ତର୍ଗତ ହାତୀକୁଚା ଗ୍ରାମରେ ଗୋଠଛଡ଼ା ଦନ୍ତାହାତୀ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ଆସବାବପତ୍ର ଭାଙ୍ଗି ନଷ୍ଟ କରିଛି। ଶୁକ୍ରବାର ସକାଳେ ରାଜାମୁଣ୍ଡା ସେକ୍ସନ ଦେଇ କେ.ବଲାଙ୍ଗ ସେକ୍ସନକୁ ଗୋଠଛଡ଼ା ବଣୁଆ ଦନ୍ତାହାତୀ ପଶିଥିଲା। ହାତୀଟି ରାତିରେ ହାତୀକୁଚା ଗ୍ରାମରେ ପଶି ଡହରୁ ଗଳାୟତ (୪୬)ଙ୍କ କବାଟ ଭାଙ୍ଗିଦେଇଥିଲା। ଏଥିସହ ତାଙ୍କ ଘରେ ବସ୍ତାରେ ଥିବା ଧାନ, ଚାଉଳ ଖାଇଦେଇଥିଲା। ଘର ଆସବାବପତ୍ର ଦଳିଚକଟି ନଷ୍ଟ କରିଥିଲା। ସେହିଭଳି ଠେଲାକୁଦ ଗ୍ରାମର କୁସାଲ ମୁଣ୍ଡାଙ୍କ ଘର ଭାଙ୍ଗି ଧାନଚାଉଳ ଖାଇ ନଷ୍ଟ କରିଥିବା ଜଣାପଡ଼ିଛି। ବନବିଭାଗ କର୍ମଚାରୀ ଗାଁରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

# ଦୁର୍ଗ-ରାଜେନ୍ଦ୍ରନଗର ଦକ୍ଷିଣ ବିହାର ଏକ୍ସପ୍ରେସ ଆରା ପର୍ଯ୍ୟନ୍ତ ସମ୍ପ୍ରସାରିତ

**ରାଉରକେଲା,୧୦ ।୨(ସମିସ):** ରାଉରକେଲାରେ ବାସ କରୁଥିବା ବିହାର ରାଜ୍ୟର ଲୋକଙ୍କ ପାଇଁ ଖୁସି ଖବର। ଦୁର୍ଗ-ରାଜେନ୍ଦ୍ରନଗର ଦକ୍ଷିଣ ବିହାର ଏକ୍ସପ୍ରେସକୁ ବିହାର ଆରା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ବର୍ତ୍ତମାନ ଏହି ଟ୍ରେନ୍ ବିହାରର ୪ ଷ୍ଟେସନ ଆରା, ବିହାଟା, ଦାନାପୁର ଏବଂ ପାଟନା ଜଙ୍କସନକୁ ସଂଯୋଗ କରିବ। ଫଳରେ ପାଟନା, ଦାନାପୁର, ବିହାଟା ଏବଂ ଆରା ଯିବାକୁ ଚାହୁଁଥିବା ଯାତ୍ରୀମାନେ ଏହି ଟ୍ରେନରେ ଯାତ୍ରା କରି ଉପକୃତ ହୋଇପାରିବେ। ପୂର୍ବରୁ ଏହି ଟ୍ରେନ୍ ପାଟନା ଜଙ୍କସନ ପର୍ଯ୍ୟନ୍ତ ଯାଉଥିଲା। ପରେ ରାଜେନ୍ଦ୍ରନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା। ରେଳବାଇ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ପାଇଁ ରାଉରକେଲା ଡେଭେଲପମେଣ୍ଟ ଷ୍ଟିଅରିଂ କମିଟି ପକ୍ଷରୁ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଗତବର୍ଷ ସେପ୍ଟେମ୍ବର ୨୭ରେ କୋଲକାତାରେ ଅନୁଷ୍ଠିତ ଜୋନାଲସ୍ତରୀୟ ବୈଠକରେ ଆରଡିଏସସି ଅଧ୍ୟକ୍ଷ ତଥା ଚାମ୍ବରର ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକଙ୍କ ଦ୍ୱାରା ସହରବାସୀଙ୍କ ସମସ୍ତ ରେଳ ସମ୍ବନ୍ଧୀୟ ଦାବିକୁ ଉପସ୍ଥାପନ କରାଯାଇଥିଲା। ଦକ୍ଷିଣ-ପୂର୍ବ ରେଳବାଇକୁ ରାଉରକେଲାରୁ ସର୍ବାଧିକ ରାଜସ୍ୱ ମିଳୁଥିବା ବେଳେ ଏହାର ପ୍ରତିବଦଳରେ ରାଉରକେଲା ଏବଂ ସୁନ୍ଦରଗଡ଼ ଜିଲ୍ଲା ସବୁବେଳେ ରେଳବାଇରେ ବିକାଶ ତଥା ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇଛି। ରେଳବାଇ ସଂକ୍ରାନ୍ତୀୟ ସମସ୍ତ ଦାବିଗୁଡ଼ିକ ଆରଡିଏସସି ବ୍ୟାନରରେ ସଂଗ୍ରାମ ଜାରି ରହିଥିଲା ବେଳେ ଏନେଇ ସହଯୋଗ ଜାରି ରଖିବାକୁ ସହରବାସୀଙ୍କୁ ପଟ୍ଟନାୟକ ନିବେଦନ କରିଛନ୍ତି।

## ଏବେ ବି ବଳବତ୍ତର ରହିଛି ସାମାଜିକ ବାସନ୍ଦ ବ୍ୟବସ୍ଥା

# ସମାଜସେବୀ କଲେ ଶବ ସତ୍କାର



ଲହୁଣୀପଡ଼ା,୧୦ ।୨(ସମିସ): ସମାଜରେ ଏବେ ବି ବଳବତ୍ତର ରହିଛି ସାମାଜିକ ବାସନ୍ଦ ବ୍ୟବସ୍ଥା। ସାମାଜିକ ପ୍ରାୟଶ୍ଚିତ ନ ହେବା ପର୍ଯ୍ୟନ୍ତ ବାସନ୍ଦ ପରିବାର ଅଛୁଆଁ ହୋଇ ରହିଯାଉଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଲହୁଣୀପଡ଼ା ଅଞ୍ଚଳରେ। ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କଟୁପଡ଼ା ଗ୍ରାମର ପଞ୍ଚାନନ ଠାକୁରଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ସ୍ତ୍ରୀ ଭାବେ ଜଲଦା ଅଞ୍ଚଳର ଭିନ୍ନ ଜାତିର ବିବାହିତା ମହିଳା ସରିତାଙ୍କୁ ବିବାହ କରିଥିଲେ। କାମଧନ୍ଦା କରି ଦୁଇପ୍ରାଣୀ ଚଳିଯାଉଥିଲେ। କିନ୍ତୁ ଅତ୍ୟନ୍ତ ଗରିବ ହୋଇଥିବାରୁ ସେମାନେ ନିଜ ଘର ମରାମତି କରିପାରି ନ ଥିଲେ। ଫଳରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ଉଭୟ ଗ୍ରାମର ଏକ ପରିତ୍ୟକ୍ତ ଘରେ ବିପଦସଙ୍କୁଳ ଅବସ୍ଥାରେ ପ୍ରାୟ ୧୦ ବର୍ଷ ଧରି ରହି ଆସୁଥିଲେ। ପ୍ରାୟ ୧ ବର୍ଷ ହେବ ସରିତା ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ। ତେବେ ନିୟମିତ ଔଷଧ ସେବନ ନ କରିବାରୁ ସେ ଗୁରୁତର ହୋଇ କିଛିଦିନ ପୂର୍ବରୁ ବଣାଇଁ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ଡାକ୍ତର ରାଉରକେଲା ସ୍ଥାନାନ୍ତର କରିଥିଲେ ମଧ୍ୟ ସେ ଡାକ୍ତରଖାନା ନ ଯାଇ ଗୁରୁବାର ଘରକୁ ପଳାଇ ଆସିଥିଲେ। ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିଲା। ତେବେ ପଞ୍ଚାନନ ଭିନ୍ନ ଜାତିରେ ବିବାହ କରିଥିବାରୁ ତାଙ୍କ ଶବ ସତ୍କାର କରିବା ପାଇଁ କଟୁମ୍ବ କିମ୍ବା ପଡ଼ୋଶୀ କେହି ଜଣେ ହେଲେ ଆସି ନ ଥିଲେ। ଏ ସମ୍ପର୍କରେ ଗ୍ରାମ ଅଙ୍ଗନବାଡ଼ି କର୍ମୀ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ପଞ୍ଚାୟତ ପକ୍ଷରୁ କେବଳ ସରକାରୀ ନିୟମ ଅନୁଯାୟୀ ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରଦାନ କରାଯାଇ ପାରିବ, ତା' ବ୍ୟତୀତ ଅନ୍ୟ କିଛି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଥିଲା। ଫଳରେ ଶବ ସତ୍କାର କେମିତି କରିବେ ସେହି ଚିନ୍ତାରେ ପଞ୍ଚାନନ ଭାଙ୍ଗିପଡ଼ିଥିଲେ। ଖବର ପାଇ ଲହୁଣୀପଡ଼ା ଅଞ୍ଚଳର ଯୁବ ସମାଜସେବୀ ଭରତ ମାହାନ୍ତ, ଅରୁଣ କୁମାର ମହାନ୍ତଙ୍କ ନେତୃତ୍ୱରେ କିଛି ଯୁବକ ଗ୍ରାମରେ ପହଞ୍ଚି ହିନ୍ଦୁ ରୀତିନୀତିରେ ସରିତାଙ୍କ ଶବ ସତ୍କାର କରିଛନ୍ତି।






# ଆର୍‌ଏସ୍‌ପିରେ ପ୍ରାକ୍ ଅବସର କର୍ମଚାରୀ ସଶକ୍ତୀକରଣ କର୍ମଶାଳା



**ରାଉରକେଲା, ୧୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନାରେ ପ୍ରାକ୍ ଅବସର କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି' ଏଚଆରଡି ସେଣ୍ଟରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସହର ସେବା ବିଭାଗ ଭାରପ୍ରାପ୍ତ ମହାପ୍ରବନ୍ଧକ ପିକେ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ କାର୍ମିକ ବିଭାଗ ଜିଏମ ଡ. ପିକେ ସାହୁ ମଞ୍ଚାସୀନ ଥିଲେ। ଫେବୃଆରୀ ମାସରେ ଅବସର ଗ୍ରହଣ କରିବାକୁ ଥିବା ୪୯ କର୍ମଚାରୀ ଏବଂ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଓଏଚଏସସି ଡାକ୍ତର ସିଭଲକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗ ଏଜିଏମ ଭିପି ଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗ ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ପରିଚାଳନା ଉପରେ ତଥ୍ୟ ରଖିଥିଲେ। ବିତ୍ତ ଓ ଲେଖା ବିଭାଗ ଏଜିଏମ ଏନସି ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳନତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ସିପି-୨ ବିଭାଗ ସିନିୟର ମ୍ୟାନେଜର ବାବୁଲା ନାହାକ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। ସହର ସେବା ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଏଚକେ ସାହୁ କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ଆଲୋଚନା କରିଥିଲେ।

କାର୍ମିକ ବିଭାଗ ସିନିୟର ମ୍ୟାନେଜର ଜ୍ୟୋତି ଓରେୟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରମ ନିରୀକ୍ଷକ ଖଗେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅବସରକୁ ସକାରାତ୍ମକ, ଉତ୍ସାହ ଓ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପ୍ରତି ମାସ ରୋଶନି କର୍ମଶାଳା ଆୟୋଜିତ ହେଉଛି।

## ଏସ୍‌ଏଏମ୍‌ଏ ପକ୍ଷରୁ ୧୧ତମ ଜୋନାଲ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟିତ

# 'ଛାତ୍ରଛାତ୍ରୀଙ୍କୁ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ ଜରୁରୀ'






**ରାଉରକେଲା, ୧୦।୨(ସମିସ)**

ସ୍ଥାନୀୟ ସେକ୍ଟର-୫ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ପରିସରରେ ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏସନ ପକ୍ଷରୁ ଦୁଇଦିନିଆ ୧୧ତମ ଜୋନାଲ ସ୍ୱାସ୍ଥ୍ୟ ସମ୍ମିଳନୀ ଶନିବାର ଉଦଘାଟିତ ହୋଇଛି। ଏଥିରେ ରାଉରକେଲା ଏନଆଇଟିର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ସରକାର ମୁଖ୍ୟଅତିଥି, ପ୍ରଫେସର ନନ୍ଦିନୀ ତ୍ରିପାଠୀ, ଚେନ୍ନାଇରୁ ଆସିଥିବା ବିଶିଷ୍ଟ ଚିକିତ୍ସକ ଡା. ଯୋଗେଶ ମୋହନ, ଡା. ତୋଫାନ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ଶ୍ୟାମା କାନୁନଗୋ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଦିବ୍ୟ ଆଲେଖ୍ୟ ଆବୃତ୍ତି କରିଥିଲେ। ଶ୍ରୀ ଅରବିନ୍ଦ ସ୍କୁଲ ସମ୍ପାଦକ ତଥା ସମ୍ମିଳନୀର ଆବାହକ ଡ. ପ୍ରଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଦାଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଞ୍ଚ ମହାଭୂତ ଆରାଧନା କରାଯାଇଥିଲା। ରାଉରକେଲା ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ଅଧ୍ୟକ୍ଷା ଡ. ଜ୍ୟୋତ୍ସ୍ନା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପ୍ରଫେସର ସରକାର କହିଲେ, ଶିକ୍ଷାର ପ୍ରକୃତ ଅର୍ଥ କେବଳ ଏକାଡେମିକ ଶିକ୍ଷା ନୁହେଁ। ସୁସ୍ଥ ସମାଜ ପାଇଁ ଶିକ୍ଷାୟତନରେ ପ୍ରଚଳିତ ପାଠ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କୁ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରାଯିବା ଜରୁରୀ। ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ମନ ଓ ମସ୍ତିଷ୍କ ସ୍ଥିର ତଥା ଚେତନଶୀଳ ହୋଇଥାଏ। ଏହାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ବିପଥଗାମୀ ହେବା ସହ ବହୁ ଭୁଲ ପଦକ୍ଷେପ ଗ୍ରହଣ କରିଥାନ୍ତି। ଏନଆଇଟି ଭଳି ଶିକ୍ଷା କ୍ୟାମ୍ପସରେ ଅନେକ ମେଧାବୀ ଛାତ୍ର ଆତ୍ମହତ୍ୟା କରୁଛନ୍ତି, ଯାହାକି କେବଳ ଆଧ୍ୟାତ୍ମିକ ଶିକ୍ଷାର ଅଭାବ ଯୋଗୁଁ ବୋଲି ସେ କହିଥିଲେ।

ଚେନ୍ନାଇ ସବିତା ଗ୍ରୁପ ଅଫ ହସ୍ପିଟାଲ ସିଇଓ ଡା. ଯୋଗେଶ ମୋହନ କହିଲେ, ଏବେ ଚିକିତ୍ସା ବିଜ୍ଞାନ ବହୁ ଉନ୍ନତି କରିଛି, ଅସ୍ତ୍ରୋପଚାର ସୁବିଧା ହୋଇଯାଇଛି। ଶରୀରକୁ କମ୍ କଷ୍ଟରେ ଅସ୍ତ୍ରୋପଚାର ହେଉଛି। ଶ୍ରୀ ଅରବିନ୍ଦଙ୍କ ଭାଷାରେ ଯେପର୍ଯ୍ୟନ୍ତ ମଣିଷର ଚେତନା ଶକ୍ତିରେ ପରିବର୍ତ୍ତନ ନ ଆସିଛି, ସେ ପର୍ଯ୍ୟନ୍ତ ତା'ଠାରେ କୌଣସି ସକାରାତ୍ମକ ପରିବର୍ତ୍ତନ ହୋଇନାହିଁ। ଆମ ମାନସିକ ଚେତନା ଶକ୍ତିକୁ ଜାଗ୍ରତ କରି ଭଗବାନଙ୍କ ଅସ୍ତିତ୍ୱକୁ ଉପଲବ୍ଧି କରିବାକୁ ପଡ଼ିବ। ଚେତନାରୁ ଊର୍ଦ୍ଧ୍ୱରେ ବିଲୀନ ହୋଇ ଚିନ୍ତା କରିବା ହିଁ ଈଶ୍ୱରମୁଖୀ ହେବା। ନିନ୍ଦା, ପ୍ରଶଂସା, ସଫଳତା, ବିଫଳତା, ସୁଖ, ଦୁଃଖ ଆଦିରେ ପ୍ରଭାବିତ ନ ହୋଇ ହିଁ ଜୀବନର ପ୍ରକୃତ ମୂଲ୍ୟକୁ ବୁଝିବା। ସାଧନା ଓ ଯୋଗର ଅନ୍ତର୍ନିହିତ ସତ୍ୟତାକୁ ଉପଲବ୍ଧି କରିବାକୁ ପଡ଼ିବ ବୋଲି ଡା. ଯୋଗେଶ ମୋହନ କହିଥିଲେ। ପ୍ରଫେସର ଶ୍ୟାମା କାନୁନଗୋ ଶ୍ରୀ ଅରବିନ୍ଦ ସ୍କୁଲର ଆରମ୍ଭ, ବର୍ତ୍ତମାନ ଏବଂ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ରାଉରକେଲା ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ଅଧ୍ୟକ୍ଷ ଡ. ରାଜବର୍ଦ୍ଧନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରି ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏସନର କାର୍ଯ୍ୟକ୍ରମ ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ନନ୍ଦିନୀ ତ୍ରିପାଠୀ କହିଲେ, ଯିଏ ଯେତେ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ଈଶ୍ୱରଙ୍କ ଅସ୍ତିତ୍ୱ ଅନସ୍ୱୀକାର୍ଯ୍ୟ। ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ. ମଦନ ପ୍ରଧାନ କହିଲେ, ଏକ ସୁସ୍ଥ ଭବିଷ୍ୟତ ଗଠନ ନିମନ୍ତେ ସ୍କୁଲ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଇଣ୍ଟିଗ୍ରାଲ ଶିକ୍ଷା ଓ ଇଣ୍ଟିଗ୍ରାଲ ସ୍ୱାସ୍ଥ୍ୟ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ ବୋଲି ସେ କହିଥିଲେ।

ସଭାପତି ଗଦାଧର ମିଶ୍ର କହିଲେ ଜୀବନର ପ୍ରକୃତ ମୂଲ୍ୟ ହେଉଛି ନିଜ ମଧ୍ୟରେ ଭଗବାନଙ୍କୁ ଉପଲବ୍ଧି କରିବା। ଭୁବନେଶ୍ୱର ହାଇଟେକ ମେଡିକାଲ ନିର୍ଦ୍ଦେଶକ ଡ. ତୋଫାନ ପତି କହିଲେ ନିଜ ସନ୍ତୁଷ୍ଟୀକରଣ ହେଉଛି ଏକ ଆବେଗିକ ଶବ୍ଦ। ଅଳ୍ପରେ ସନ୍ତୁଷ୍ଟ ହେବା ମହାନତାର ପରିଚାୟକ। ଜୀବନରେ ଖୁସି ରହିବାକୁ ହେଲେ ପରିବାର ସମାଜ, ଦେଶ, ରାଜନୈତିକ ଗୋଷ୍ଠୀ, ପରିବେଶ ସର୍ବୋପରି ଭଗବାନଙ୍କ ସହ ସମ୍ପର୍କକୁ ଗଭୀର କରିବାକୁ ପଡ଼ିବ। ଏହି ଅବସରରେ ବ୍ରହ୍ମପୁରରୁ ଆସିଥିବା ଭାଗୀରଥି ମହାପାତ୍ର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ଗୀତାଞ୍ଜଳି ପତ୍ରୀଙ୍କ ସମେତ ସମସ୍ତ ଅତିଥିଙ୍କୁ ଯୋଗ ମନ୍ଦିର ପକ୍ଷରୁ ବୃକ୍ଷ ଚାରା, ସ୍ମାରକୀ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡ. କିଶୋରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବଣାଇଁରେ ଜାତୀୟ କୃମିନାଶକ ଦିବସ ପାଳିତ



**ବଣାଇଁ, ୧୦।୨(ସମିସ):** ସରସରା ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବଣାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ବିପିଏମ ତୁଷାରକାନ୍ତି ମହାପାତ୍ର ଯୋଗଦେଇ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କୃମିନାଶକ ବଟିକାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧ରୁ ୧୯ ବର୍ଷର ପିଲା ସମେତ ବ୍ଲକର ପ୍ରଜନନକ୍ଷମ ୨୦ରୁ ୨୪ ବର୍ଷ ବୟସ୍କ ମହିଳାମାନଙ୍କୁ ସରକାରଙ୍କ ତରଫରୁ ମାଗଣାରେ କୃମିନାଶକ ଔଷଧ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏହି ବୟସ ବର୍ଗର ସମସ୍ତ ୧୮ ହଜାର ୨୮୦ ଜଣଙ୍କୁ କୃମିନାଶକ ଔଷଧ ଖୁଆଇବାକୁ ଧାର୍ଯ୍ୟ କରାଯାଇଛି।

ସେହିପରି ବିଦ୍ୟାଳୟ ଓ ଅଙ୍ଗନବାଡ଼ି ମାଧ୍ୟମରେ କୃମିନାଶକ ବଟିକା ଓ ସିରପ ମାଗଣାରେ ଦିଆଯିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବଳକା ରହିଯାଇଥିବା ହିତାଧିକାରୀ ଆସନ୍ତା ୧୭ ତାରିଖରେ ଏହି ଔଷଧ ଖାଇପାରିବେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିପିଏମ ମହାପାତ୍ର, ପିଏଚଇଓ ପ୍ରଦୀପ୍ତ ମିଶ୍ର, ଟିବି ପରିଦର୍ଶକ ପ୍ରଦୀପ୍ତ ମଲ୍ଲ, ତସିତ ସାହୁ ଏବଂ ଆରବିଏସକେ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।

# ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ

**ବଣାଇଁ, ୧୦।୨(ସମିସ):** ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟରେ ରାଉରକେଲା ମଣ୍ଡଳସ୍ତରୀୟ କର୍ମଚାରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ରାଉରକେଲା ମଣ୍ଡଳ ଅଧୀନରେ ଥିବା ତିନି ଜିଲ୍ଲା ଯଥା ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଏବଂ ଦୁଇ ଉପଖଣ୍ଡ ବଣାଇଁ ଏବଂ ରାଉରକେଲା ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ ଏବଂ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ପ୍ରଧାନ ମୁଖ୍ୟ ସଂରକ୍ଷକ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ



ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଜଙ୍ଗଲ ଜମିର ବ୍ୟବହାର ଓ ନିଷ୍ପତ୍ତି ସମର୍ଥନ ପ୍ରଣାଳୀ ଉପରେ ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିକଶିତ ଆପ୍‌କୁ ଉପଯୋଗ କରି କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳ ଭୂ ମାପ ସମ୍ବନ୍ଧରେ ଅଧିକାରୀମାନଙ୍କୁ ସହାୟତା କରିବ। ସରକାରୀ ନଥିପତ୍ରରେ ରେକର୍ଡଭୁକ୍ତ ଜଙ୍ଗଲ ଜମିକୁ କେବଳ କାଗଜପତ୍ରରେ ଛାଡ଼ି ନ ଦେଇ ଜିପିଏସ ମାଧ୍ୟମରେ ଚିହ୍ନଟ କରି ଡିଜିଟାଲ ମ୍ୟାପ ପ୍ରସ୍ତୁତି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର, ପ୍ରବେଶନର ଆଇଏଏସ୍ ଅଫିସର ପ୍ରହଲ୍ଲାଦ ନାରାୟଣ ଶର୍ମା, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ଦେବୀଦାଶ ମିରାସେ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ, ଦେବଗଡ଼ ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଏସିଏଫ ଏବଂ ରେଞ୍ଜ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

# ନକଆଉଟ୍ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବଣାଇଁ, ୧୦।୨(ସମିସ):** ବଣାଇଁ ସହରସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଦୁଇଦିନିଆ ନକଆଉଟ୍ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ସମ୍ପାଦକ ରଞ୍ଜନ ସାହୁ ଏବଂ କୋଷାଧ୍ୟକ୍ଷ ସୂରଜ ପ୍ରତାପ ମାହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ବଣାଇଁର ଖେଳାଳିମାନେ କିପରି ନିଜ ଅଭ୍ୟାସ ଜାରି ରଖିବେ ତା'ର ସୁବ୍ୟବସ୍ଥା କରିବା ପାଇଁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଉପଜିଲ୍ଲାପାଳ ସାହୁ ଓ କେନ୍ଦ୍ରିକଲା ଗ୍ରାମର ଆୟୁଷ ପାତ୍ର (୭) ଯୋଡ଼ି






ଏବଂ ସିରାଜ ଖାଁ ଓ ଶାନ୍ତାନୁ ଦାଶ ଯୋଡ଼ି ମଧ୍ୟରେ ଉଦଘାଟନୀ ମ୍ୟାଚ୍ ହୋଇଥିଲା। ଆୟୁଷଙ୍କ ଚମତ୍କାର ସଟ୍‌ରେ ଉପଜିଲ୍ଲାପାଳ ଓ ଆୟୁଷ ପାତ୍ର ଯୋଡ଼ି ବିଜୟୀ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ପଡ଼ୋଶୀ ରାଜ୍ୟରୁ ବହୁ ଖେଳାଳି ଅଂଶଗ୍ରହଣ କରିଛନ୍ତି। ରେଫରୀ ଭାବେ ସମିମ୍ ଖାଁ, ଗୁଣନିଧି ବେହେରା, ବିକାଶ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ପରମେଶ୍ୱର ପାତ୍ର, ରଞ୍ଜିତ୍ ମୁଣ୍ଡା, ଅଶୋକ ସେଠ୍, ତପନ ସାହୁ, ପିଣ୍ଟୁ ପ୍ରଧାନ, ଶଙ୍କର ସାହୁ, ଏମିତି ତନବିର ପ୍ରମୁଖ ସହଯୋଗ କରିଥିଲେ।

# ଠିକା ଶ୍ରମିକଙ୍କ ଅତିରିକ୍ତ ସୁବିଧା ରାଶି ବୃଦ୍ଧି

**ରାଉରକେଲା, ୧୦।୨(ସମିସ):** ଆରଏସପି ଓ ସେଲରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଆଡିସନାଲ ୱେଲଫେୟାର ଆମେନିଟିଜ (ଅତିରିକ୍ତ ସୁବିଧା ରାଶି) ପରିମାଣ ୨୫୦୦ ଟଙ୍କାରୁ ୪୧୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଏନଜେସିଏସ ସବକମିଟି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଗତ ଫେବୃଆରୀ ୮ରେ ଦିଲ୍ଲୀଠାରେ ଅନୁଷ୍ଠିତ ଉକ୍ତ ଏନଜେସିଏସ ବୈଠକରେ ଆଇଏନଟିୟୁସିର ବିଏନ୍. ଚୌବେ, ଏଚଏମ୍ଏସ, ସିଟୁ, ଏଆଇଟିୟୁସି ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଆଲୋଚନା କରିଥିଲେ। ଠିକା ଶ୍ରମିକଙ୍କ ମଜୁରି ଓ ଅନ୍ୟ ଭତ୍ତା ବୃଦ୍ଧି ପ୍ରସଙ୍ଗର ଆଲୋଚନା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏତଦବ୍ୟତୀତ ଆରଏସପି ଓ ସେଲର କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ଅବଶିଷ୍ଟ ଦାବିଗୁଡ଼ିକ ଉପରେ ଶୀଘ୍ର ବୈଠକ କରାଯାଇ ଆଲୋଚନା କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨

# ଓଭର୍‌ହେଡ୍ କ୍ରେନ୍ ଅପରେଟ'ର ଭାବେ ମହିଳାଙ୍କ ଦକ୍ଷତା

**ରାଉରକେଲା, ୧୦।୨(ସମିସ)**



ପରିବାର ଏବଂ ଘର କାର୍ଯ୍ୟକୁ ସଫଳତାର ସହିତ ପରିଚାଳନା କରିବା ପରେ ମହିଳାମାନେ ଶିଳ୍ପ କାରଖାନାରେ ଜଟିଳ କାର୍ଯ୍ୟଭାରକୁ ଦକ୍ଷତାର ସହ ସମ୍ପାଦନ କରିବାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାଉରକେଲା ଇସ୍ପାତ କାରଖାନା ହଟ୍ ଷ୍ଟ୍ରିପ୍ ମିଲ୍-୨ରେ। ଏହି ବିଭାଗରେ ମହିଳାମାନେ ଇଲେକ୍ଟ୍ରିକ୍ ଓଭରହେଡ୍ ଟ୍ରାଭେଲିଂ (ଇଓଟି) କ୍ରେନ୍ ଚଳାଉଛନ୍ତି। ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗରେ କାର୍ଯ୍ୟରତ ପ୍ରେମାକାନ୍ତି ବିଲୁଙ୍ଗ, ନୀଳିମା ତନ୍ତି ଏବଂ ରୀନା ମୁଣ୍ଡାରୀ ଇସ୍ପାତ ଉତ୍ପାଦନର ପାରମ୍ପାରିକ ପୁରୁଷ-ପ୍ରାଧାନ୍ୟ କ୍ଷେତ୍ରରେ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ସାହସୀ ମହିଳାମାନଙ୍କ ମଧ୍ୟରୁ କେହି ମଧ୍ୟ କ୍ରେନ୍ ଅପରେସନ ପାଇଁ କୌଣସି ଆନୁଷ୍ଠାନିକ ବୈଷୟିକ ଶିକ୍ଷା ଲାଭ କରିନାହାନ୍ତି। ତଥାପି ସେମାନେ ଦକ୍ଷତାର ସହ କ୍ରେନ୍ ଅପରେଟରର ଭୂମିକା କରିପାରିବା ଘଟଣା ନିଶ୍ଚିତ ଭାବେ ଅନ୍ୟ ମହିଳାମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କ୍ରେନ୍ ପରିଚାଳନାର ଏହି ଯାତ୍ରା ହଟ୍ ଷ୍ଟ୍ରିପ୍ ମିଲ୍-୧ରେ ଆରମ୍ଭ ହୋଇଥିଲା, ଯେଉଁଠାରେ ସେମାନେ ଇଓଟି କ୍ରେନ୍ ଚଳାଇବାକୁ ଆଗ୍ରହ ଦେଖାଇଥିଲେ।

ଆଜି ଏହି ଅସାଧାରଣ ମହିଳାମାନେ କଏଲ୍ ୟାର୍ଡ ଏବଂ ସ୍ଲାବ୍ ୟାର୍ଡ ପରି ହଟ୍ ଷ୍ଟ୍ରିପ୍ ମିଲ୍-୨ର ବିଭିନ୍ନ ଜଟିଳ ଜୋନ୍‌ରେ ଓଭରହେଡ୍ କ୍ରେନ ଚଳାଉଛନ୍ତି। ସୁଶ୍ରୀ ତନ୍ତି ଫର୍ଣ୍ଣେସ୍ ଉପରେ କ୍ରେନ୍ ପରିଚାଳନା କରି ଗର୍ବ ଅନୁଭବ କରନ୍ତି, ଯାହା କାରଖାନାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ହଟ ଜୋନ୍ ଭାବରେ ପରିଗଣିତ ହୋଇଥାଏ। ଭାରୀ ଷ୍ଟିଲ୍ ସ୍ଲାବ୍ ଅନଲୋଡ୍ କରିବାଠାରୁ ଆରମ୍ଭ କରି ୱାଗନ୍ ଉପରେ କଏଲ୍ ଲୋଡିଂ ପର୍ଯ୍ୟନ୍ତ ସେମାନଙ୍କ ଭୂମିକା ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟରେ ପ୍ରମୁଖ ଦାୟିତ୍ୱକୁ ଅନ୍ତର୍ଭୁକ୍ତ କରିଥାଏ। 'ମୁଁ କ୍ରେନ୍ ଚଳାଇବା ପାଇଁ ଗର୍ବ ଅନୁଭବ କରେ ଯାହା ଆମେ ଏଠାରେ କାର୍ଯ୍ୟ କରିବା ପୂର୍ବରୁ କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏଚଏସଏମ-୧ରେ ମୋର ତାଲିମ ପରେ କ୍ରେନ୍ ଅପରେଟରଙ୍କ ଅଭାବ ହେତୁ ମତେ ଏଚଏସଏମ-୨କୁ ଡକାଗଲା ଏବଂ ସେହିଦିନଠାରୁ ମୁଁ ଏଚଏସଏମ-୨ର ବିଭିନ୍ନ ଅଞ୍ଚଳରେ କ୍ରେନ୍ ଚଳାଇଆସୁଛି' ବୋଲି ସୁଶ୍ରୀ ତନ୍ତି କୁହନ୍ତି। ସେହିପରି ମନୋ ରେଲ କ୍ରେନ୍ ଉପରେ କ୍ରେନ୍ ଅପରେସନ୍ ଶିଖିଥିବା ସୁଶ୍ରୀ ବିଲୁଙ୍ଗ କହନ୍ତି 'ପ୍ରଥମେ ଏହି ଆହ୍ୱାନ ଅତ୍ୟନ୍ତ ବିପଜ୍ଜନକ ଲାଗୁଥିଲା ଏବଂ ଏହିପରି ଉଚ୍ଚତାରେ କ୍ରେନ୍ ଚଢ଼ିବା ସହଜ ମନେହେଉ ନ ଥିଲା। କିନ୍ତୁ ବର୍ତ୍ତମାନ ଏହା ଏକ ଅଭ୍ୟାସ ହୋଇଗଲାଣି ଏବଂ ଏହା ଆମର ଦୈନନ୍ଦିନ କାର୍ଯ୍ୟର ଏକ ଅଂଶବିଶେଷ ହୋଇପାରିଛି' ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରୁ ଉଭୟ ଏଚଏସଏମ-୨ରେ କ୍ରେନ୍ ଚଳାଉଛନ୍ତି। ୨୦୨୧ରେ ଏଚଏସଏମ-୨ରେ ଯୋଗଦେଇଥିବା ସୁଶ୍ରୀ ରୀନା କୁହନ୍ତି, ସେ ଏପରି ଚ୍ୟାଲେଞ୍ଜିଂ କାର୍ଯ୍ୟ କରି କିଛି ଅସାଧାରଣ ଅନୁଭବ କରନ୍ତି ଯାହା ଅନ୍ୟମାନେ ଅସମ୍ଭବ ବୋଲି ଭାବନ୍ତି। ବିଭାଗରେ କେବଳ କ୍ରେନ୍ ଅପରେଟିଂ ବ୍ୟତୀତ ସେ ଅନ୍ୟ ମହିଳା ସହକର୍ମୀଙ୍କୁ କ୍ରେନ୍ ଅପରେସନ୍ ଟ୍ରେନିଂ ଦେବା ଦାୟିତ୍ୱ ଗ୍ରହଣ କରିଛନ୍ତି। 'ଆମକୁ ଏଭଳି ଦାୟିତ୍ୱ ନ୍ୟସ୍ତ କରିବା ଏବଂ ଆମ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ବିଭାଗ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ' ବୋଲି ସୁଶ୍ରୀ ରୀନା କହିଛନ୍ତି।

ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରେ ପ୍ରମୁଖ ଉପାଦାନ ଥିବା ଓଭରହେଡ୍ କ୍ରେନ୍ ବର୍ତ୍ତମାନ ଏହି ଅଗ୍ରଗାମୀ ମହିଳାମାନଙ୍କ ଦ୍ୱାରା ସଠିକତା ଏବଂ ପାରଦର୍ଶିତା ସହ ପରିଚାଳିତ ହେଉଛି। ଲିଙ୍ଗ ନିର୍ବିଶେଷରେ ପ୍ରତିଭାକୁ ଚିହ୍ନିବା ଦିଗରେ ଶିଳ୍ପର ପରିବର୍ତ୍ତନକୁ ଆଲୋକିତ କରିଛି। ମହିଳା ଶ୍ରମିକମାନଙ୍କୁ ଜଟିଳ କ୍ରେନ୍ ଅପରେସନ୍ କାର୍ଯ୍ୟ ଆରଏସପିର ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସମାନ ସୁଯୋଗ ପ୍ରଦାନ ପାଇଁ ବ୍ୟାପକ ପ୍ରତିବଦ୍ଧତା ଅନୁପୂରକ ଅଟେ। ଏହି ପଦକ୍ଷେପ ଭାରତରେ ମହିଳା ସଶକ୍ତୀକରଣର କାହାଣୀକୁ ମଧ୍ୟ ପ୍ରତିଫଳିତ କରିଥାଏ, ଯେଉଁଠାରେ ଶିଳ୍ପଗୁଡ଼ିକ ମହିଳାଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ଅଧିକରୁ ଅଧିକ ସ୍ୱୀକୃତି ଦେଉଛନ୍ତି ଏବଂ ଅଧିକ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ଷେତ୍ର ସୃଷ୍ଟି ଦିଗରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି।

# 'ସାବାସ' ଓ 'କର୍ମବୀର' ପୁରସ୍କାର ପ୍ରଦାନ



**ରାଉରକେଲା, ୧୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନା ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାବାସ' ଯୋଜନା ଅଧୀନରେ ୮ ଅଧିକାରୀ ଏବଂ ୪ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ କର୍ମବୀର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପରିଚାଳନା ବିଭାଗ ଜିଏମ ଇନ ଚାର୍ଜ କେଏସ ଭିର୍ଡି, ମାର୍କେଟିଂ ବିଭାଗ ଜିଏମ ସିଭି ଆପାରାଓ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ପୁରସ୍କାର ବିଜେତାଙ୍କୁ ନିର୍ବାହୀ ନିର୍ଦ୍ଦେଶକ ତ୍ରିପାଠୀ ଅଭିନନ୍ଦନ ଜଣାଇବା ସହ ସାଂଗଠନିକ ଉଦ୍ଦେଶ୍ୟ ହାସଲ କରିବାରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସେମାନଙ୍କ ଉଦ୍ୟୋଗୀ ଉଦ୍ୟମକୁ ପ୍ରଶଂସା କରିଥିଲେ। ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ବିଭାଗର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ମାଳତୀ ସୂତାରଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରାଯାଇଥିଲା। ସାବାସ ଯୋଜନାରେ କର୍ମଚାରୀଙ୍କୁ ଦୁଇଟି ବର୍ଗରେ ପୁରସ୍କୃତ କରାଯାଇଥିଲା। ପ୍ରଥମ ବର୍ଗରେ ପୁରସ୍କାର ବିଜେତାମାନେ ହେଲେ ସାମଗ୍ରୀ ପରିଚାଳନା ବିଭାଗର ଜିଏମ ସୁନୀତା ଟିଗା, ଡେପୁଟି ମ୍ୟାନେଜର ଓଁକାର ମହାନ୍ତି, ଡେପୁଟି ମ୍ୟାନେଜର ଏସ୍‌କେ ପାଠୀ ଏବଂ ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ଶ୍ୟାମସୁନ୍ଦର ସିଂହ। ସେହିପରି ଦ୍ୱିତୀୟ ବର୍ଗରେ ପୁରସ୍କାର ବିଜେତାମାନେ ହେଲେ ସାମଗ୍ରୀ ପରିଚାଳନା ବିଭାଗ ମ୍ୟାନେଜର ଶୋଭନ୍ କୁମାର ବେରା, ଷ୍ଟୋର କିପର ଜେକେ ଆଚାର୍ଯ୍ୟ, ଡିଜିଏମ ଅସୀମ ଅପୂର୍ବ, ଡିଜିଏମ ଶାନ୍ତନୁ ଘୋଷ, ଡେପୁଟି ମ୍ୟାନେଜର ତପନ କୁମାର ନାୟକ, ଡେପୁଟି ମ୍ୟାନେଜର ଦୀପକ କୁମାର ଦାଶ, ସିନିୟର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ସୁଷମା ଜନ୍ ଏବଂ ସତ୍ୟଭାମା ପ୍ରଧାନ। ଏହି କାର୍ଯ୍ୟକ୍ରମକୁ ସାମଗ୍ରୀ ପରିଚାଳନା ବିଭାଗ ଏଜିଏମ ଶିଖା ଜୈନ ସଂଯୋଜନା କରିଥିଲେ।

# ସରକାରୀ କଲେଜରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ



**ସୁନ୍ଦରଗଡ଼, ୧୦।୨(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ଆନୁକୂଲ୍ୟରେ ଚାଲିଥିବା 'ପୂର୍ବ ଭାରତର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣାର ନୂତନ ଧାରା' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଶନିବାର ଉଦଯାପିତ ହୋଇଛି। ଉଦଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି ବର୍ତ୍ତମାନ ସମୟରେ ଇତିହାସ ଅଧ୍ୟୟନ ଏବଂ ଐତିହାସିକ ଗବେଷଣାର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଇତିହାସ ଓ ଭୂତତ୍ତ୍ୱ ଗବେଷଣାର ବିବିଧ ଦିଗ, ଗୁରୁତ୍ୱ, ଓଡ଼ିଶା ଇତିହାସ ସମ୍ପର୍କିତ ନୂତନ ଗବେଷଣା ଆଦି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ କୁମାର ବେହେରା ଇତିହାସରେ ବିଗଠନ ଜରୁରୀ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରତ୍ନତତ୍ତ୍ୱବିତ୍ ଡ. ଦିବୀଶଦ ପ୍ରଦସୁନ୍ଦର ଗଡ଼ନାୟକ ବିଜ୍ଞାନ ବ୍ୟତିରେକ ଇତିହାସ ଓ ପ୍ରତ୍ନତତ୍ତ୍ୱ ଗବେଷଣା ସମ୍ଭବ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଆସୋସିଏଟ ପ୍ରଫେସର ଡ. ଉମାକାନ୍ତ ମିଶ୍ର ଇତିହାସ, ପ୍ରତ୍ନତତ୍ତ୍ୱ ଏବଂ ଭୂତତ୍ତ୍ୱ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ବକ୍ତବ୍ୟ ରଖିଥିଲେ। ଇତିହାସ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡ. ଗୌରୀଶଙ୍କର ପଟେଲ, ଡ. ସରୋଜ ପଟେଲ, ଡ. ବିଶ୍ୱଜିତ ପ୍ରଧାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସୁଜିତ ସେନ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଆଲୋଚନାର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ନୂତନ ଖମାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଇତିହାସ ବିଭାଗ ସହକାରୀ ପ୍ରଫେସର ଡ. ସାକିର ହୁସେନ ଅତିଥି ପରିଚୟ ପ୍ରଦାନ ଓ ବିଭାଗୀୟ ମୁଖ୍ୟ ଡ. ଜୟଶଙ୍କର ନାଏକ ଧନ୍ୟବାଦ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ପ୍ରଦୀପ ସାମନ୍ତରାୟ, ଇତିହାସ ଅଧ୍ୟାପକ ଶ୍ରୀକାନ୍ତ ପଟେଲ, ଅଧ୍ୟାପକ ଖାରବେଳ ସା, ଅଧ୍ୟାପକ ଅମ୍ରିତ କେରକେଟା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଣଶିକ୍ଷକ କର୍ମଚାରୀ, ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ଆସିଥିବା ପତ୍ର ଉପସ୍ଥାପକ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଉରକେଲା କମ୍ବାଇନ ବି ଦଳ ଚାମ୍ପିଅନ

**ସୁନ୍ଦରଗଡ଼, ୧୦।୨(ସମିସ)**



ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଓ ଓଡ଼ିଶା କ୍ରିକେଟ ସଂଘ ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଓ ରାଉରକେଲା କମ୍ବାଇନ ବି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ରାଉରକେଲା କମ୍ବାଇନ୍ ବି ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟସ୍ ଜିତି ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ପ୍ରଥମେ ବ୍ୟାଟିଂ କରିଥିଲା। ୪୦ ଓଭର ବିଶିଷ୍ଟ ମ୍ୟାଚରେ ଦଳ ୨୯.୩ ଓଭରରେ ୭୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଅମନ୍ ବିଶ୍ୱକର୍ମା ସର୍ବାଧିକ ୨୪ ରନ୍ କରିଥିଲେ। ରାଉରକେଲା ଦଳର ରିଷଭ ଆର୍ ଚୌଧୁରୀ ୮ ଓଭରରେ ୩ ମେଡେନ ଓ ୩ ଉଇକେଟ ନେଇ ୩୧ ରନ୍ ଦେଇଥିଲେ। ନୀଲ୍ ନୀତିନ ମହାନ୍ତି ୮ ଓଭରରେ ୩ ମେଡେନ ସହ ୧୪ ରନ୍ ନେଇ ୫ ଉଇକେଟ ନେବାରେ ସଫଳ ହୋଇଥିଲେ। ମଧ୍ୟାହ୍ନ ବିରତି ପରେ ରାଉରକେଲା ଦଳ ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୪ ଉଇକେଟ ହରାଇ ୭୨ ରନ୍ କରି ବିଜୟୀ ହୋଇଥିଲା। ଦଳର କ୍ରିଷ୍ଣା ସିଂହ ୩୭, କୃତୀ ଏସ ନାୟାର ୨୨ ରନ୍ କରିଥିଲେ। ଆମ୍ପାୟର ଭାବେ ଅଂଶ ଶର୍ମା ଓ ଆୟୁଷ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ଗାଙ୍ଗୁଲି କଉଡ଼ି ଓ ଆଦର୍ଶ ଚୌଧୁରୀ ସ୍କୋରସିଟ୍ ପରିଚାଳନା କରିଥିଲେ।

ଉଦଯାପନୀ ଉତ୍ସବରେ ପୂର୍ବତନ ଏସଡିସି ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଓସିଏ ପକ୍ଷରୁ ଜିଲ୍ଲାରେ ସ୍କୁଲ ସ୍ତରରୁ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଖେଳାଳିଙ୍କୁ ପ୍ରୋତ୍ସାହନ କରି ଓଡ଼ିଶାରେ କ୍ରିକେଟ ବିକାଶଧାରାକୁ ତ୍ୱରାନ୍ୱିତ କରାଯାଉଥିବାରୁ ଓସିଏ ସମ୍ପାଦକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପୂର୍ବତନ ଖେଳାଳି ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ସହ ସମ୍ପାଦକ ଜୟଦେବ ପାତ୍ର, ଉପ ସଭାପତି ବିମଳ ବୋଷ, ରାଜେନ୍ଦ୍ର ପଣ୍ଡା, ଆଶିଷ ଦେ, ପ୍ରଣବ ନାଏକ, କ୍ରିକେଟ ସମ୍ପାଦକ ଶିଶିର ପଟେଲ, ସିଦ୍ଧାନ୍ତ ପଣ୍ଡା, ନିତ୍ୟ କୁମାର ବଳ, ଜଗମୋହନ ରାଉତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

# ସିପିଆଇର ସୁନ୍ଦରଗଡ଼ ସଦର ଜୋନ୍ ବୈଠକ



**ସୁନ୍ଦରଗଡ଼, ୧୦।୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ତଳସରା ଗ୍ରାମରେ ଶନିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସଦର ଜୋନ କମିଟି ବୈଠକ ରାଧେଶ୍ୟାମ ଗଡ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା କମିଟି ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ଼ ସଦର ଜୋନର ପ୍ରତି ଗାଁରେ ଥିବା ଗଣ ସଂଗଠନ କର୍ମକର୍ତ୍ତାଙ୍କୁ ଅଧିକ କ୍ରିୟଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିସ୍ଥାପନ ଓ ପ୍ରଦୂଷଣ ବିରୋଧୀ ନେତା ରାଜେନ୍ଦ୍ର ନାଏକ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସହ ସମ୍ପାଦକ ଶୁକଦେବ ପଧାନ, ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, ଦେବାନନ୍ଦ ବାଦଲ, ଅଖିଳ ମାଝି, ଦଶରୁ କିଶାନ, ପୁଷ୍ପା ସା, ରୋମାଞ୍ଚ ପୃଷେଟ, ମନୋଜ ସା ପ୍ରମୁଖ ଯୋଗଦେଇ ଦଳର ସଫଳତା ନେଇ ନିଜ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ବୈଠକରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଗାଁ ଗାଁରେ ଲୋକଙ୍କ ପାଖରେ ପହଞ୍ଚାଇବା, କମ୍ୟୁନିଷ୍ଟ ପାର୍ଟି ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଲଢ଼ିବା, ବ୍ୟୟବହୁଳ ନିର୍ବାଚନକୁ ଦୃଢ଼ ବିରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଭଗବାନ ସା ଧନ୍ୟବାଦ ଅର୍ପଣ କରିଥିଲେ।

# କୃମିନାଶକ ବଟିକା ବଣ୍ଟନ

**ହେମଗିରି, ୧୦।୨(ସମିସ):** ବିଶ୍ୱ କୃମିନାଶକ ଦିବସରେ ହେମଗିରି ବ୍ଲକର ସମସ୍ତ ଆଙ୍ଗନବାଡ଼ି କେନ୍ଦ୍ର ଏବଂ ସ୍କୁଲଗୁଡ଼ିକରେ ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯାଇଛି। ହେମଗିରି



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତରଖାନା କର୍ମଚାରୀଙ୍କ ଉପସ୍ଥିତିରେ ଆଶାକର୍ମୀ ପିଲାଙ୍କୁ କୃମିନାଶକ ବଟିକା ଖୁଆଇଥିଲେ। ଅନୁପସ୍ଥିତ ପିଲାଙ୍କୁ ଆସନ୍ତା ୧୭ ତାରିଖ ଏହା ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ● ନୂଆ-ଓ ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିଅନସିପ୍

# ସେମିରେ ସୁନ୍ଦରଗଡ଼ ପୁରୁଷ ଓ ମହିଳା ଦଳ

**ସୁନ୍ଦରଗଡ଼, ୧୦।୨(ସମିସ):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ଖେଳପଡ଼ିଆରେ ଚାଲିଥିବା ନୂଆ-ଓ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ସୁନ୍ଦରଗଡ଼ ଦଳ ଉତ୍ତମ ପ୍ରଦର୍ଶନ କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ଆୟୋଜିତ ପୁରୁଷ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ଦଳ ଗଞ୍ଜାମକୁ ୩-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଆଶିଷ ନାଏକ, ଦୀପକ ମୁଣ୍ଡା ଓ ଆକାଶ ବେକ ଗୋଟିଏ ଲେଖାଏଁ ଗୋଲ ସ୍କୋର୍ କରିଥିଲେ। ସେହିପରି ସୁନ୍ଦରଗଡ଼ ମହିଳା ଦଳ ମଧ୍ୟ କ୍ୱାର୍ଟର ଫାଇନାଲରେ ୪-୧ ଗୋଲ୍‌ରେ ଦେବଗଡ଼କୁ ହରାଇଛି। ଦଳର ସରିତା ସୋରେଙ୍ଗ ଓ ସରୋଜିନୀ ତିର୍କୀ ୨ଟି ଲେଖାଏଁ ଗୋଲ୍ ସ୍କୋର କରି ଦଳକୁ ସେମିଫାଇଲରେ ପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ଦେବଗଡ଼ ମହିଳା ଦଳର ଝରଣା ମୁଣ୍ଡା ଏକମାତ୍ର ଗୋଲ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ସେମିରେ ରବିବାର ସୁନ୍ଦରଗଡ଼ ପୁରଷ ଦଳ ଖୋର୍ଦ୍ଧା ତଥା ମହିଳା ଦଳ ଯାଜପୁରକୁ ଭେଟିବେ। ସୁନ୍ଦରଗଡ଼ ଦଳ ଉଭୟ ବିଭାଗରେ ସେମିଫାଇନାଲକୁ ଉନ୍ନୀତ ହୋଇଥିବାରୁ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ସୁନ୍ଦରଗଡ଼, ୧୦।୨(ସମିସ):** ଦର୍ଲିପାଲିସ୍ଥିତ ଦୟାନନ୍ଦ ନାଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଡ. ସୁରେଶ କୁମାର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲା ଆମେଚର ବକ୍ସିଂ ସଂଘ ସମ୍ପାଦକ ସୁଶାନ୍ତ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ମୁଖ୍ୟବକ୍ତା ଅଧ୍ୟାପକ ହେମନ୍ତ କୁମାର ପଟେଲ ଛାତ୍ରୀଙ୍କ ଆତ୍ମସୁରକ୍ଷା ନିମନ୍ତେ ଆତ୍ମବିଶ୍ୱାସକୁ ପ୍ରାଧାନ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଉପାଧ୍ୟକ୍ଷ ସୁଶୀଳ ଚୌଧୁରୀ ଓ ସାମ୍ବାଦିକ ଲବଣୀଧର ମେହେର ଆତ୍ମସୁରକ୍ଷା କୌଶଳକୁ ନିଜ ପାଖରେ ସୀମିତ ନ ରଖି ଅନ୍ୟମାନଙ୍କ ପାଇଁ ଉପଯୋଗ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିଙ୍କ ଦ୍ୱାରା ୩୧ ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷା ବିଭାଗ ଅଧ୍ୟାପକ ରାଜେଶ ପଟେଲ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଝୁନୁ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ୮ ଦିନିଆ ତାଲିମ ଶିବିରରେ ସୀମା କିସାନ ପ୍ରଶିକ୍ଷିକା ଭାବେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ।

## କୋଇଲା ଉତ୍ତୋଳନ କମ୍ପାନୀର ଖନନ କାର୍ଯ୍ୟ ଜାରି

# ବିପଦସଙ୍କୁଳ ଅବସ୍ଥାରେ ଘର ଓ ପରିବାର

**ହେମଗିରି, ୧୦।୨(ସମିସ):** ଏମ୍‌ସିଏଲ ବସୁନ୍ଧରା କୋଇଲାଖଣିସ୍ଥିତ ମହାଲକ୍ଷ୍ମୀ ଏରିଆ ଅଧୀନ କୋଇଲା ଖନନ କାର୍ଯ୍ୟ ଜାରି ରହିଛି। ପରିବାର ଲୋକଙ୍କୁ କ୍ଷତିପୂରଣ ଟଙ୍କା ମିଳିଥିଲେ ସୁଦ୍ଧା ପାରିବାରିକ



ବିବାଦ ଥିବାରୁ ସେମାନଙ୍କ ମଧ୍ୟରେ ଆପୋସ ସମାଧାନ ହୋଇ ନ ଥିବା ଗୃହକର୍ତ୍ତା ଜଣାଇଥିଲେ। ହେଲେ ଘର ନିକଟରେ ବ୍ଲାଷ୍ଟିଂ ତଥା ବଡ଼ ବଡ଼ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ଯୋଗୁଁ ଘର ଛପର ପଡ଼ିଯାଉଛି, କାନ୍ଥରେ ଫାଟ ହୋଇଛି। ଯଦି ଅଘଟଣ ଘଟେ କିଏ ଦାୟୀ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିଆରମାଲ ଗ୍ରାମର ଏକ ପରିବାର ବିସ୍ଥାପିତ ହୋଇ ନ ଥିବା ସତ୍ତ୍ୱେ କମ୍ପାନୀ ପକ୍ଷରୁ ଉକ୍ତ ଘର ନିକଟରେ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

# ଝୋଟ ବ୍ୟାଗ୍ ବଣ୍ଟନ



**ସୁନ୍ଦରଗଡ଼, ୧୦।୨(ସମିସ)**

ସୁନ୍ଦରଗଡ଼ ପୌରକାଳିକାର ୧୨, ୧୪, ୧୬ ଓ ୧୭ ନମ୍ବର ଓାର୍ଡରେ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଝୋଟ ବ୍ୟାଗ ବଣ୍ଟନ କରାଯାଇଛି। କାଉନସିଲର ତଥା ଜିଲ୍ଲା ଯୋଜନା କମିଟି ସଦସ୍ୟ ସୁମନ୍ତ ସାହୁ, କାଉନସିଲର ରଜନୀ ରୋହିଦାସ, ଦୁଶିଲା ଡନସନା ଏଥିରେ ଯୋଗଦେଇ ଖାଉଟିମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉକ୍ତ ବ୍ୟାଗ ବଣ୍ଟନ କରିଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା










## ସୁନ୍ଦରଗଡ଼ ପୌରପାଳିକା

**ସୁନ୍ଦରଗଡ଼, ୧୦।୨(ସମିସ):** ସୁନ୍ଦରଗଡ଼ ପୌରପାଳିକା ୧ ନମ୍ବର ୱାର୍ଡ ରାଣୀବାଗିଚା ବସ୍ତି ଏବଂ ୧୧ ନମ୍ବର ୱାର୍ଡ ବିଛୁଟୁଙ୍ଗୁରି ବିଜୁ ଆଦର୍ଶ କଲୋନୀ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ପଠରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟଅତିଥି, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ୱାର୍ଡ କାଉନସିଲର ହେମନ୍ତ ପାଢ଼ୀ, ବିଶାଳ କୁମୁରା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ୨ ନମ୍ବର ୱାର୍ଡ କାଉନସିଲର ଅନିଲ ମହାପାତ୍ର, ୯ ନମ୍ବର ୱାର୍ଡ କାଉନସିଲର ଦୀପଜାଳି ନନ୍ଦ, ୧୨ ନମ୍ବର ୱାର୍ଡ କାଉନସିଲର କୈଳାସ ତନ୍ତୀ, ୧୫ ନମ୍ବର ୱାର୍ଡ କାଉନସିଲର ସୁଶିଲା ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବିଷୟରେ ବସ୍ତିବାସିନ୍ଦାଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ଏହାର ଫାଇଦା ନେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା।

## କରମଡିହି ପଞ୍ଚାୟତ

ସବେଡଗା ବ୍ଲକ କରମଡିହି ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସେଚତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। କରମଡିହି ସରପଞ୍ଚ ସୁସ୍ମିତା କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସାଗର ଚନ୍ଦ୍ର ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ।

ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଦେବାଶିଷ ଓରାମ, ରବି କୁଜୁର, ଶରତ ଚନ୍ଦ୍ର ନାଏକ, ଅବନୀ କୁମାର ନାଏକ, ବୀରେନ କୁମାର ପେଟଲ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହ ଅଧିକାରୀ ଅରବିନ୍ଦ ପ୍ରମୁଖ ସଭା ପରିଚାଳନା କରିଥିଲେ ।

## ଯମୁନା ପଞ୍ଚାୟତ




ସବଡେଗା ବ୍ଲକ ଯମୁନା ପଞ୍ଚାୟତରେ ସରପଞ୍ଚ ଭଗବାନ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଲୋକଙ୍କୁ ଏହାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ନିର୍ବାହ ଅଧିକାରୀ ଦୁଃଖୀରାମ ଗୁରୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିପିଏମ୍ ଜେମସ ତିର୍କୀ ମଞ୍ଚ ପରିଚାଳନା କରିଥିବା ବେଳେ ସମିତି ସଭ୍ୟା ରଞ୍ଜିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଲକିଡିହି ପଞ୍ଚାୟତ

**ବାଲିଶଙ୍କରା:** ବାଲିଶଙ୍କରା ବ୍ଲକ ଲୁଲକିଡିହି ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଲୁଲକିଡିହି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀଲ କୁମାର ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଲୁଲକିଡିହି ସରପଞ୍ଚ ଯୋଶପା ତିର୍କୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଓଡ଼ିଶା ସରକାରଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିପିଇଓ ପାସ୍କାଲ ଲାକ୍ରା, ସିପି ତାପସ ପଟ୍ଟନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା, ସମିତିସଭ୍ୟ ସିଆପଡ଼ ମୁଣ୍ଡୁ, ଅରୁଣ ଗୁପ୍ତା, ଦୀପକ ତିର୍କୀ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ, ପରିସ୍କାର ପରିଚ୍ଛନ୍ନତା, ପୁଷ୍ଟିକର ଶସ୍ୟ, ପନିପରିବା, ତଟକା ଫଳମୂଳ ଆଦି ପ୍ରଦର୍ଶିତ ହୋଇଥିଲା। ଶେଷରେ ନାଏବ ସରପଞ୍ଚ ବୀରେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍‌ସିସି କ୍ୟାଡେଟଙ୍କ ସଫଳତା

# ଦିଲ୍ଲୀ ପରେଡରେ ଲୋଇସିଂହା କଲେଜ ଛାତ୍ର

**ବଲାଙ୍ଗିର/ଲୋଇସିଂହା, ୧୦।୨(ସମିସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ମୁଖରେ ପରେଡରେ ଭାଗ ନେଇ ପ୍ରଶଂସା ସାଉଁଟିଲେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟର ଛାତ୍ର। ପ୍ରଥମେ ଜିଲ୍ଲା, ପରେ ରାଜ୍ୟ ଏନସିସି ଶିବିରରେ ମନୋନୀତ ହେବା ପରେ ରାଜ୍ୟ ଏନ୍‌ସିସି ଦଳ ସହ ଦିଲ୍ଲୀ ଯାଇ ଗତ ୨୭ ତାରିଖରେ କରିଅପ୍ପା ପଡ଼ିଆରେ ଅନୁଷ୍ଠିତ ପରେଡରେ ସେ ଭାଗ ନେଇଥିଲେ। ଯେଉଁଥିପାଇଁ ସେ ଉଚ୍ଚପ୍ରଶଂସିତ ହୋଇଥିବା ବେଳେ କଲେଜ କର୍ତ୍ତୃପକ୍ଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସିଦ୍ଧାର୍ଥ ଦୀପ ଯୁକ୍ତ ତିନି ବିଜ୍ଞାନ (ପଦାର୍ଥ ବିଜ୍ଞାନ) ବିଷୟର ଶେଷବର୍ଷ ଛାତ୍ର। ଜଣେ ଚାଷୀ ଘରର ପୁଅ ହୋଇମଧ୍ୟ ସେ ଆଗକୁ ଦେଶସେବାରେ ନିଜକୁ ସମର୍ପଣ କରିବା ସ୍ୱପ୍ନ ରଖିଛନ୍ତି। ଯାହାକୁ ପୂରଣ କରିବା ଦିଗରେ ସେ ଅଗ୍ରସର ହେଉଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ପିଆର ହାଇସ୍କୁଲରେ ପାଠ ପଢ଼ିବା ସମୟରୁ ସେ ଏନସିସି ସହ ଜଡିତ ରହିଛନ୍ତି। ଲୋଇସିଂହା ମହାବିଦ୍ୟାଳୟରେ ନାମଲେଖାଇବା ପରେ ସେ ପାଠପଢ଼ା ସହ ଏନ୍‌ସିସିରେ ଯୋଗଦେଇ ଥିଲେ। ଚଳିତବର୍ଷ ସେ ପ୍ରଥମେ ମହାବିଦ୍ୟାଳୟ ପକ୍ଷରୁ ଜିଲ୍ଲା ଶିବିରରେ ଭାଗ ନେଇଥିଲେ। ସେଠାରୁ ମନୋନୀତ ହୋଇ ସମ୍ବଲପୁର ଶିବିରକୁ ଯାଇଥିଲେ। ସେଠାରେ ଅଳ୍ପ କିଛି ଏନସିସି କ୍ୟାଡେଟ ମନୋନୀତ ହୋଇଥିବା ବେଳେ ଉକ୍ତ ଶିବିରରୁ ମଧ୍ୟ ମନୋନୀତ ହୋଇ ଭୁବନେଶ୍ୱର ଶିବିରକୁ ମନୋନୀତ ହୋଇଥିଲେ। ଜିଲ୍ଲାର ମାତ୍ର ସାତ ଜଣ ଏଥିରେ ମନୋନୀତ ହୋଇଥିବା ବେଳେ ରାଜ୍ୟରୁ ୧୨୨ ଜଣ ଦିଲ୍ଲୀ ଯାତ୍ରା କରିଥିଲେ। ଉକ୍ତ ୧୨୨ ଜଣ ମଧ୍ୟରୁ ୩୪ ଜଣ ଏନସିସି କ୍ୟାଡେଟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ମୁଖରେ ମାର୍ଚ୍ଚ କରିବା ପାଇଁ ସୁଯୋଗ ମିଳିଥିଲେ। ଏହି ମାର୍ଚ୍ଚ ଦଳରେ ଭାଗନେଇଥିଲେ ସିଦ୍ଧୁ। ପଠାପଢ଼ା ସହ ଏହି ସଫଳତା ହାସଲ କରିଥିବା ସିଦ୍ଧାର୍ଥ ସେଠାରେ ପ୍ରଶଂସିତ ହୋଇ ଘରକୁ ଫେରିଛନ୍ତି। କଲେଜ କର୍ତ୍ତୃପକ୍ଷ ମଧ୍ୟ ସିଦ୍ଧାର୍ଥଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ଏନସିସି ପ୍ରଶିକ୍ଷକ ପ୍ରଦୀପ ବଗର୍ତ୍ତି, ଯୁକ୍ତ ତିନି ବିଜ୍ଞାନ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ମଧ୍ୟ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା।

**ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ମାର୍ଚ୍ଚ ସୁଯୋଗ**

# କଳାହାଣ୍ଡିର ତିନି କଳାକାର ନବୀନ ନିବାସଠାରେ ସମ୍ବର୍ଦ୍ଧିତ

**ଭବାନୀପାଟଣା, ୧୦।୨(ସମିସ):** କଳାହାଣ୍ଡିର ଅଗ୍ରଣୀ ଅନୁଷ୍ଠାନ 'ପ୍ରତିଭା'ର ତିନି ଜଣ କଳାକାରଙ୍କୁ ନବୀନ ନିବାସରେ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁ ଧାନାନନ୍ଦ ପଣ୍ଡାଙ୍କୁ ଗୁରୁ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶିତ 'ପଶ୍ଚିମ ସୁର'ର ସହ ନିର୍ଦ୍ଦେଶକ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ଦେବେଶ ସିଂହଙ୍କୁ ଶିଙ୍ଗାରୀ ନୃତ୍ୟର ନିର୍ଦ୍ଦେଶକ ଓ ଶିଙ୍ଗାରୀ ନୃତ୍ୟ ପାଇଁ ନୃତ୍ୟଶିଳ୍ପୀ ଝୁନି ମାଝୀଙ୍କୁ ନବୀନ ନିବାସଠାରେ '୫-ଟି' ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ ପ୍ରତ୍ୟେକ କଳାକାରଙ୍କୁ ମାନପତ୍ର ଓ ନଗଦ ରାଶି ଏକଲକ୍ଷ ଟଙ୍କା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।







# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅନ୍ୟତ୍ର ବଦଳି ନ କରିବାକୁ ବିଡ଼ିଓଙ୍କୁ ସରପଞ୍ଚଙ୍କ ଦାବିପତ୍ର

**କେସିଙ୍ଗା, ୧୦।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉତ୍କେଲା ପଞ୍ଚାୟତରେ କାର୍ଯ୍ୟରତ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲମ୍ବୋଧର ଶିଖାଙ୍କ ଅନ୍ୟତ୍ର ବଦଳି ନ କରିବାକୁ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତଙ୍କ ପାଖରେ ସ୍ଥାନୀୟ ସରପଞ୍ଚ ନରେନ୍ଦ୍ର ମାଝୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ତାଙ୍କର ଦଦାବିପତ୍ର ରେ କାର୍ଯ୍ୟରତ ପିଇଓ ଶ୍ରୀ ଶିଖା ଦୀର୍ଘଦିନରୁ ଏହି ପଞ୍ଚାୟତରେ ନିଷ୍ଠାପର ସହିତ ସୂଚାରୁ ରୂପେ ନିଜର କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି। ସେ ଆଉ ଦୁଇଟି ପଞ୍ଚାୟତ ଚାଞ୍ଚେର ଏବଂ କନ୍ଦେଶିରରେ ପିଇଓ ଭାବେ କାର୍ଯ୍ୟଭାର ତୁଲାଉଛନ୍ତି। ତାଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ନିକଟରେ ପିଇଓ ଶ୍ରୀ ଶିଖାଙ୍କୁ କେସିଙ୍ଗା ବ୍ଲକରେ ଜିପିଡିଓ ଦାୟିତ୍ୱ ମଧ୍ୟ ଦିଆଯାଇଛି। ନିକଟରେ ପିଇଓ ଶ୍ରୀ ଶିଖାଙ୍କ ପଦୋନ୍ନତିକୁ ସହି ନ ପାରି ତାଙ୍କର କିଛି ବିରୋଧୀ ଗୋଷ୍ଠୀ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ପିଇଓଙ୍କ ବିରୋଧରେ ଅଙ୍ଗୁଳି ଉଠାଇ ସମ୍ମାନ ହାନି ହେଉଥିବା ଭଳି ମିଛ ଖବର ପ୍ରସାରଣ କରୁଛନ୍ତି ବୋଲି ସେ ତାଙ୍କ ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି।

### ■ ସପ୍ତାହେ ହେଲା ଅନ୍ଧାରରେ ସୁନାବେଡାବାସୀ

# ଲକ୍ଷାଧିକ ଟଙ୍କାର ଷ୍ଟ୍ରବେରୀ ନଷ୍ଟ

**ନୂଆପଡ଼ା, ୧୦।୨(ସମିସ):** ସରକାର ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ବନବାସୀ ଆଦିବାସୀଙ୍କ ପାଇଁ ବିଜୁଳି ବ୍ୟବସ୍ଥା କରିଛନ୍ତି; ହେଲେ ବିଭାଗର ଉଦାସୀନତା ଯୋଗୁଁ ଆଜିକୁ ପ୍ରାୟ ୭ ଦିନ ହେବ ବିଜୁଳି ସଂଯୋଗ ବିଚ୍ଛିନ୍ନ ରହିଛି। ଲୋକେ ଅନ୍ଧାରରେ ରହିଥିବାବେଳେ ଆଦିବାସୀମାନେ ଚାଷ କରିଥିବା ବହୁ ମୂଲ୍ୟ ଷ୍ଟ୍ରବେରୀ ଚାଷ ନଷ୍ଟ ହେବାକୁ ବସିଛି ସପ୍ତାହକ ତଳେ ସୁନାବେଡାରେ ଏକ ଖମ୍ବରେ ବିଦ୍ୟୁତ୍ ମରାମତି କରିବା ସମୟରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ସେହିଦିନଠାରୁ ବିଜୁଳି ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ସେହିଦିନଠାରୁ ସୁନାବେଡା ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବିଜୁଳି ସଂଯୋଗ ଦିଆଯାଉନି। ଅନ୍ୟପକ୍ଷେ ଉପତ୍ୟକାରେ ଏଥର ୨୦ରୁ ଅଧିକ ଚାଷୀ ଷ୍ଟ୍ରବେରୀ ଚାଷ କରିଛନ୍ତି। ଏ ସବୁରେ ପାଣି ପମ୍ପ ସାହାଯ୍ୟରେ ପାଣି ମଡ଼ା ଯାଉଥିଲା; ହେଲେ ଏହା ପ୍ରଭାବିତ ହୋଇଛି। ଏଥି ପାଇଁ ଚାଷୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହା ଉପରେ ବିଭାଗ ଦୃଷ୍ଟି ନ ଦେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଲୋକେ ପ୍ରସ୍ତୁତ ହେଉଛନ୍ତି।

# କୂଅରୁ ନିଖୋଜ ବୃଦ୍ଧାଙ୍କ ଶବ ଉଦ୍ଧାର

**ବୀରମହାରାଜପୁର, ୧୦।୨(ସମିସ):** ବୀରମହାରାଜପୁର ବ୍ଲକ ହିଲୁଙ୍ଗ ଗାଁର ଏକ ଅବ୍ୟବହୃତ କୂଅରୁ ଜରେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ହିଲୁଙ୍ଗ ଗାଁର ଶୋଭା ଭୋଇ। ସେ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକ ତାଙ୍କୁ ଖୋଜା ଖୋଜି କରିଥିଲେ ହେଁ କୌଣସି ସୂଚନା ମିଳି ପାରି ନ ଥିଲା। ତେବେ ଗାଁ ନିକଟରେ ଥିବା ପରିତ୍ୟକ୍ତ କୂଅରେ ତାଙ୍କ ମୃତଦେହ ଭାସୁଥିବା କିଛି ଲୋକ ଦେଖିଥିଲେ। ଏ ନେଇ ପୁଲିସକୁ ଖବର ଦେବାରୁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସାହାଯ୍ୟରେ ମୃତଦେହ ଉଦ୍ଧାର କରି ଚିହ୍ନଟ କରିଥିଲେ। କୂଅରୁ କାଢିବା ପରେ ମୃତ ମହିଳାଙ୍କ ବେକକୁ କିଏ କାଟି କୂଅ ଭିତରକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ବୀରମହାରାଜପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ପୁଲିସ ନଷ୍ଟ କଲା ୩୦ହଜାର ଗଞ୍ଜେଇ ଗଛ

**ଶଗଡ଼ା, ୧୦।୨(ସମିସ):** ମନମୁଣ୍ଡା ଥାନା ପୁଲିସ କୁରୁମୁଣ୍ଡା ଗ୍ରାମର ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି। ଜଙ୍ଗଲର ୨୦:୬୦ଏକର ପରିମିତ ଜାଗାରେ ବେଆଇନ ଭାବେ ଏହି ଚାଷ ହୋଇଥିଲା। ୩୦ହଜାର ୮୩୬ ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏସ୍‌ଆଇ ଉଦୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢଉ କରିଥିଲେ।



# ଶାସ୍ତ୍ରୀନଗରରେ ଫାଇଲେରିଆ ନିରାକରଣ ଅଭିଯାନ

**ବଲାଙ୍ଗିର, ୧୦।୨(ସମିସ):** ସ୍ଥାନୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଶାସ୍ତ୍ରୀ ନଗର ପରିସରରେ ଫେଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନରେ ନ୍ୟାସନାଲ ପିସ୍ ୟୁନିସନ ଦ୍ୱାରା ପରିଚାଳିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ମିଶ୍ର ଫାଇଲେରିଆ ରୋଗର ଭୟାଭୟତା ଓ ଏହାର ନିରାକରଣ ସମ୍ବନ୍ଧୀୟରେ କହିଥିଲେ। ଉଦଘାଟନ ସମାରୋହରେ ସ୍ୱାସ୍ଥ୍ୟ ଆରୋଗ୍ୟ ସହରାଞ୍ଚଳ କେନ୍ଦ୍ରର ମେଡିକାଲ ଅଫିସର ଡା. ରାକେଶ ମୁଣ୍ଡ, ସ୍ୱାସ୍ଥ୍ୟ କେନ୍ଦ୍ର ଚେୟାରମ୍ୟାନ ରବି ରଞ୍ଜନ ପୂଜାରୀ ଅଭିଯାନ ସମ୍ପର୍କିତ ସଭିଙ୍କୁ ସବିଶେଷ ପରାମର୍ଶ ଦେଇଥିଲେ। ମାମି ସିଂଦେଓ, ରୋଜାଲିନା ହୋତା, ରୋନି ବଗର୍ତ୍ତୀ, ସୂର୍ଯ୍ୟଶ୍ରୀ ହୋତା, ନିକୁଞ୍ଜ ବିହାରୀ, ମଣିଭଦ୍ର ପ୍ରଧାନ, ବିପିନ ବିହାରୀ, ଆଶିଷ ଚନ୍ଦ୍ର ବିଶି, ଜଗଦୀଶ ନାୟକ, ସୌରଭ ପଧାନ, ଖୁସିରାମ ସୁନା, ସସ୍ମିତା ସିଂ, ଆଶା ପାଣ୍ଡିଆ, ଲିଜା ପ୍ରଧାନ, ଲିଲିମା, ଅଞ୍ଜଳି ନାଗ ପ୍ରମୁଖ ଉପସ୍ଥିତ ଥିଲେ।



# ଯୁବକଙ୍କୁ ମା', ପୁଅଙ୍କ ମରଣାନ୍ତକ ଆକ୍ରମଣ

**ମନମୁଣ୍ଡା, ୧୦।୨(ସମିସ):** ଚଣା ଚୋର ବୋଲି ଦୋଷାରୋପ କରି ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ପରା (ପ୍ରଧାନପାଲି) ଗ୍ରାମର ରବୀନ୍ଦ୍ର ପ୍ରଧାନ (୨୭)। ଗାଁର ସ୍ୱାଗତ ପ୍ରଧାନ ଏବଂ ତାଙ୍କ ମାଆ ସୁଭାଷିନୀ ରବୀନ୍ଦ୍ରଙ୍କୁ ଚଣା ଚୋର ବୋଲି ଆକ୍ଷେପ କରିଥିଲେ। ସେମାନଙ୍କ ବିଲରେ ଚାଷ କରାଯାଇଥିବା ଚଣା ଗଛରୁ ଚଣା ଚୋରାଇଥିବା ରବୀନ୍ଦ୍ର ଉପରେ ସେମାନେ ଅଭିଯୋଗ କରି ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ରବୀନ୍ଦ୍ର ପ୍ରତିବାଦ କରିବାରୁ ସ୍ୱାଗତ ଏକ ଟାଙ୍ଗିଆରେ ରବୀନ୍ଦ୍ରଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଗୁରୁତର ରବୀନ୍ଦ୍ରଙ୍କୁ ପ୍ରଥମେ କଣ୍ଡାମାଳ ଏବଂ ପରେ ବଲାଙ୍ଗୀର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ହୋଇ ଫେରିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏହାର ତଦନ୍ତ ଚଳାଇଛି।



# ଧଣ୍ଡାମୁଣ୍ଡାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

**ଖପ୍ରାଖୋଲ, ୧୦।୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ଖେଳପଡ଼ିଆ ଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ




ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଖିରାମ୍ ସାଣ୍ଡ, ଜିପିଇଓ ପରମେଶ୍ୱର ନାଏକ, ପିଇଓ ପୃଥ୍ୱୀରାଜ ରାଉତ, ଯୋଗାଣ ସହାୟିକା ସୁଜାତା ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସଫଳ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲ ସେହି ପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଆର୍‌ଏସ୍ ନୀଳମଣି ଜାଲ ପରିଚାଳନା କରିଥିଲେ।

# ଗରିବସେନାର କର୍ମୀ ସମ୍ମିଳନୀ

**କୋମନା, ୧୦।୨(ସମିସ):** ନୂଆପଡ଼ା ଜିଲ୍ଲା ଗରିବ ସେନା ସଂଗଠନ ତରଫରୁ ଶନିବାର ତରବୋଡ ସମ୍ପବଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ତରବୋଡ, ଜଟଗଡ଼, ପଲସିପାନୀ, ଦର୍ଲିପଡ଼ା, ମାନିଗୁଡା, ସିଆଲଟି ଗ୍ରାମ ପଞ୍ଚାୟତପକୁ ନେଇ ପ୍ରଥମ ପର୍ଯ୍ୟାୟରେ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ଅପରାହ୍ନରେ ଭେଲା, ଅଗ୍ରେନ, ରଜନା ପଞ୍ଚାୟତକୁ ନେଇ ଅଗ୍ରେନ ବଜାର ପଡ଼ିଆରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ଏଥିରେ ବିଶେଷ କରି ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଗରିବ ସେନା ସଂଗଠନକୁ କିପରି ଶକ୍ତିଶାଳୀ କରାଯିବ ସେ ନେଇ ସମସ୍ତଙ୍କ ମତାମତ ନେଇଥିଲେ। ଓକିଲ ହରି କୁଳଦୀପଙ୍କ ସଭାପତିତ୍ୱରେ ସଂଗଠନର ଆବାହକ ରବି ମଙ୍ଗରାଜ, ସଂଯୋଜକ ଗଦାଧର ମାଝୀ, ଖୁସି ଜଗତ, ଭୋଜରାମ ବଗର୍ତୀ, ଖିରସିନ୍ଧୁ ମେହେର, ସୁଶାନ୍ତ ଜଗତ, ସୁନ୍ଦର ଚିନ୍ଦା, ନରସିଂ ପୋଢ, ହରେରାମ ମାଝୀ, ସାଗର ଯାଦବ, ସଦାନନ୍ଦ ସଗରିଆ, କୁନୁ ସୁନାନୀ, ମହେନ୍ଦ୍ର ପଟେଲ, ରାଜେନ୍ଦ୍ର ଦୁରିଆ, ଦୟା ସୁନାନି, ଗୋକୁଳ ଶବର, ଜତିରାମ ସୁନାନି, ହରମୋହନ ମେହେର, ପ୍ରମୁଖ ଉପସ୍ଥିତ ଥିଲେ।



# ଶଗଡ଼ା ଫାଣ୍ଡି ଅଞ୍ଚଳରେ ପୁଣି ମାଓବାଦୀ ପୋଷ୍ଟର ଠାବ

**ମନମୁଣ୍ଡା, ୧୦।୨(ସମିସ):** ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି କେତେକ ସ୍ଥାନରେ ମାଓବାଦୀ ପୋଷ୍ଟର ଲଗା ଯାଇଥିବା ଶନିବାର ସକାଳେ ଜାଣିବାକୁ ମିଳିଛି। ପୋଷ୍ଟରଟି ଏକ ପ୍ରେସ୍ ବିଜ୍ଞପ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) କେକେବିଏନ ଡିଭିଜନ୍ ପକ୍ଷରୁ ଏହା ଜାରି କରାଯାଇଛି। ତେବେ ଏ ନେଇ ମନମୁଣ୍ଡା ଥାନା ଆଇଆଇସି ଭାବାନନ୍ଦ ପ୍ରଧାନଙ୍କୁ ପଚାରିବାରୁ ସେ ସେଇ କଥା ଶୁଣିବାକୁ ପାଇଥିବା କହିଛନ୍ତି। ତେବେ ପୁଲିସ ଏ ନେଇ ତଦନ୍ତ ଚଳାଇଛି।

# ଫାଇଲେରିଆ ନିରାକରଣ ଅଭିଯାନ ଉଦ୍‌ଘାଟିତ

**ବଲାଙ୍ଗିର, ୧୦।୨(ସମିସ) :** ବଲାଙ୍ଗିର ଜିଲ୍ଲାର ୧୧ଟି ବ୍ଲକ ଓ ୪ଟି ସହରାଞ୍ଚଳରେ ଆରମ୍ଭ ହୋଇଛି ଫାଇଲେରିଆ ନିରାକରଣ ଅଭିଯାନ। ଆଜି ପୂର୍ବାହ୍ନରେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ସଭାରେ




ଜିଲ୍ଲାପାଳ ଗୌରଓ ଶିଓାଜୀ ଇସଲଓାର ବଟିକା ସେବନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଜିଲ୍ଲାର ୧୪ ଲକ୍ଷ ୭୬ ହଜାର ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ। ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ସମ୍ମୁଖରେ ଔଷଧ ଖୁଆଇବେ। ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଡ. ଦିବ୍ୟକିଶୋର ପତି, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି), ସିଦ୍ଧେଶ୍ୱର ମାଝୀ, ସୁଦ୍ଧା ବାର୍ଲା, ନିଶିଥ ରଞ୍ଜନ ଦାସ, ମୃତ୍ୟୁଞ୍ଜୟ ମୁଣ୍ଡ, ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# ଆତ୍ମସୁରକ୍ଷା ତାଲିମ ଶିବିର

**ଭବାନୀପାଟଣା, ୧୦।୨(ସମିସ):** ସଦର ବ୍ଲକ ଦଧିବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସଞ୍ଜୀବ କୁମାର ଶର୍ମାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଏକାଦଶ ଶ୍ରେଣୀ ଛାତ୍ରୀ ମାନଙ୍କ ପାଇଁ ଏକ ଆଠ ଦିନିଆ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷିକା ଭୂମିସୁତା ରାଉତ ଛାତ୍ରୀମାନଙ୍କୁ ପ୍ରତିକୂଳ ପରିସ୍ଥିତିରେ ନିଜ ସୁରକ୍ଷା କେଉଁ ଉପାୟରେ କରାଯାଇପାରିବ ସେ ନେଇ ଶାରୀରିକ ଓ ବୌଦ୍ଧିକ ସ୍ତରରେ ତାଲିମ୍ ପ୍ରଦାନ କରିଥିଲେ। ଶିବିରରେ ମୋଟ ୬୮ ଜଣ ବାଳିକା ଆତ୍ମସୁରକ୍ଷା ତାଲିମ୍ ଗ୍ରହଣ କରିଥିଲେ। ଏହି ଆତ୍ମସୁରକ୍ଷା ତାଲିମ୍ ଶିବିରର ଉଦଯାପନୀ ଉତ୍ସବ ପାଳିତ ହୋଇଛି। ସରପଞ୍ଚ ଦାଦପୁର ପଞ୍ଚାୟତର ଗୀତାଞ୍ଜଳି ସାହୁ ଏହି ଉତ୍ସବରେ ଯୋଗଦାନ କରି ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏହି ଅବସରରେ ସହଯୋଗ ପ୍ରଦାନ କରିଥିଲେ।

# ସ୍ୱାମୀର ଦ୍ୱିତୀୟ ପତ୍ନୀ ଗ୍ରହଣକୁ ନେଇ ପ୍ରଥମ ସ୍ତ୍ରୀ ଥାନାର ଦ୍ୱାରସ୍ଥ

**ମନମୁଣ୍ଡା, ୧୦।୨(ସମିସ):** ମନମୁଣ୍ଡା ଥାନା ବଡଡୁଙ୍ଗୁରିପାଲି ଗ୍ରାମରେ ଜଣେ ବ୍ୟକ୍ତି ପରିଣତ ବୟସରେ ମଧ୍ୟ ପ୍ରଥମ ସ୍ତ୍ରୀ ଥାଉ ଥାଉ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଛନ୍ତି। ଏହାକୁ ନେଇ ପ୍ରଥମ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଗାଁର ଭାଗୀରଥି ଜାଲଙ୍କ ୪ ଝିଅ ଓ ଗୋଟିଏ ପୁଅ ଥିବାବେଳେ ସେ ଦୁଇଟି ଝିଅକୁ ବାହା କରି ସାରିଛନ୍ତି। ନାତିନାତୁଣୀ ମୁହଁ ମଧ୍ୟ ଦେଖିଲେଣି। ଏପରି ସ୍ଥିତିରେ ସେ ପରକୀୟା ପ୍ରୀତିରେ ଲିପ୍ତ ରହିବା, ପତ୍ନୀ ଓ ପୁଅ ଝିଅଙ୍କ କଥା ନ ବୁଝିବା ନେଇ ପତ୍ନୀ ସନ୍ତୋଷିନୀ ପ୍ରତିବାଦ କରିଥିଲେ। ଭାଗୀରଥି କିନ୍ତୁ ସନ୍ତୋଷିନୀଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିଲା। ସେହି ଦିନଠାରୁ ସନ୍ତୋଷିନୀ ସୁବର୍ଣ୍ଣପୁର ଜିଲ୍ଲା ବାବୁପାଲିସ୍ଥିତ ତାଙ୍କ ବାପା ଘରେ ୩ ପୁଅଝିଅଙ୍କ ସହ ରହି ଆସୁଛନ୍ତି। ଏହାଭିତରେ ବଡରାହାଯୋର ଗ୍ରାମର ଚମ୍ପେଶ୍ୱରୀ କୁଅଁର ନାମ୍ନୀ ଜଣକୁ ଭାଗୀରଥି ଦ୍ୱିତୀୟ ପତ୍ନୀ ଭାବେ ଗ୍ରହଣ କରି ଘରକୁ ଆଣିଥିବା ସନ୍ତୋଷିନୀ ଜାଣିବାକୁ ପାଇଥିଲେ। ଏହାପରେ ସେ ବାପ ଘର ଲୋକଙ୍କ ସହ ଭାଗୀରଥି ନିକଟକୁ ଯାଇ ପ୍ରତିବାଦ କରିଥିଲେ। ଭାଗୀରଥି କିନ୍ତୁ ଗାଳିଗୁଲଜ କରିବା ପୂର୍ବକ ଟାଙ୍ଗିଆ ଧରି ଗୋଡ଼ାଇଥିଲା। ଏ ନେଇ ସନ୍ତୋଷିନୀ ମନମୁଣ୍ଡା ଥାନାରେ ଅଭିଯୋଗ କଲାପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସିଲେଟକାନୀ ରୟାଲଷ୍ଟାର ଫୁଟବଲ ପ୍ରତିଯୋଗିତା

# ହାତିସରା ଚାମ୍ପିଅନ

**ଦେଓଗାଁ, ୧୦।୨(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡ଼ବନ୍ଧ ଖେଳପଡ଼ିଆ ଠାରେ ଚାଲିଥିବା ସିଲେଟକାନୀ ରୟାଲଷ୍ଟାର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ହାତିସରା ଓ ବଡଙ୍ଗୋମୁଣ୍ଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଅମିମାଂଶିତ ରହିବାରୁ ଟାଇବ୍ରେକର ଜରିଆରେ ହାତିସରା ଦଳ ଚାମ୍ପିଅନ ହୋଇଥିଲା। ଖେଳକୁ ସର୍ଜନ କୁଦେଇ ପରିଚାଳନା କରିଥିବାବେଳେ ରିତୁ ବୁଡେକ ଓ ସୁକାନ୍ତ ପୁଟେଲ ଲାଇନମ୍ୟାନ ଦାୟିତ୍ୱ ତୁଲାଇଥିଲେ। ଲକ୍ଷ୍ମୀ ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂ ଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚଅନ୍ତର୍ଯ୍ୟାମୀ ଭୋଇ, ରାଜ ପ୍ରତାପ ସିଂ ଦେଓ ପ୍ରମୁଖ ଯୋଗଦେଇ ଥିଲେ। ଶେଷଦେବ ବେହେରା, ସମ୍ପାଦକ ପ୍ରଭାସ ବେହେରା, ବିନୋଦ ନାଗ, ପ୍ରଦିପ ବଗର୍ତ୍ତୀ, ରିଙ୍କୁ ବେହେରା, ଭଗବାନ ବେହେରା ସହଯୋଗ କରିଥିଲେ।



